ଶ୍ରୀଲିଙ୍ଗରାଜ ପାଣିଗ୍ରାହୀ

Source: FB Nanda, Digitized by PPRACHIN, SOA

ମଢ଼ଥା-ଘଲତା

ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ

ପ୍ରଣୀତ ।

୧୯୧୯

ପ୍ରଥମ ମୁଦ୍ରଣ ।

ମୂଲ୍ୟ ଛଅଅଣା ।

Source: FB Nanda, Digitized by PPRACHIN, SOA

Printed by D. Garnayak
The Hitaishini Electric Machine Press
BAMRA
1919

Source: FB Nanda, Digitized by PPRACHIN, SOA

ଉତ୍ସର୍ଗପତ୍ର ।

ପରମଭକ୍ତ ଦେବ ଗୋସ୍ୱାମୀ [illegible] ପୂର୍ଣ [illegible] ଚରିତ୍ର-ମନା ଭୂସ୍ୱାମୀ ଶ୍ରୀ ଶ୍ରୀ ବୀରକିଶୋର ସିଂହଦେବ ମହୋଦୟଙ୍କର [illegible] କରକମଳେଷୁ ।

ମହାଭାଗ !

ଆପଣ ବାମଣ୍ଡାକୁ ଏକାଧିକବାର ଆଗମନକରି ବାମଣ୍ଡାର ରାଜସଂସାର ସହିତ ଦେବଗଡ଼ବାସୀ ଅସ୍ମାନଙ୍କପ୍ରତି ଯେଉଁ ଅକୃତ୍ରିମ ସ୍ନେହ ସୌହାର୍ଦ୍ଦ୍ୟ ପ୍ରକାଶ କରିଅଛନ୍ତି ତନ୍ନିମିତ୍ତ ଦେବଗଡ଼ବାସୀ ଚିରଦିନ ଆପଣଙ୍କ ନିକଟରେ କୃତଜ୍ଞ । ବିଶେଷତଃ ଆପଣ ଏହି ଦ୍ୱିତୀୟଥର ବାମଣ୍ଡାକୁ ସସ୍ତ୍ରୀକ ଆଗମନ କରି ବାମଣ୍ଡାରାଜ ସହିତ ଯେଉଁ ସରଳ ଅମାୟିକ [illegible] ପ୍ରକାଶ କରି-ଅଛନ୍ତି ତାହା ଅତ୍ୟନ୍ତ ସୁରୁଚି ପରିଚାୟକ ଓ ଆଦର୍ଶମୂଳକ । ଭବଦୀୟ ସଦଗୁଣ ଚନ୍ଦ୍ରିକାରେ ବିମୋହିତ ହୋଇ ଦେବଗଡ଼ବାସୀ ଅନେକ ସୁଧୀ-ଚକୋର ଆପଣଙ୍କର ଦର୍ଶନପ୍ରତ୍ୟାଶୀ ହୋଇଥିବାର ଦେଖି "ରିକ୍ତହସ୍ତୋ ନପଶ୍ୟେତ୍ ରାଜାନଂ ଦେବତାଂ ଗୁରୁଂ" ଏହି ପ୍ରାଚୀନ ନୀତି ଅନୁସରଣ ପୂର୍ବକ ବ୍ରାହ୍ମଣୋଚିତ ସାମାନ୍ୟ ଏହି "ମଙ୍ଗଳଆରତି" ଧରି ମୁଁ ଛାମୁରେ ଉପସ୍ଥିତ ହୋଇଅଛି । ପ୍ରାଚୀନଜନାନୁମୋଦିତ ବ୍ରାହ୍ମଣର ଏହି ମୂଲ୍ୟହୀନ ଉପହାର ସାଦରେ ଗୃହୀତ ହୋଇ ବାମଣ୍ଡା ଆଗମନର ସ୍ମୃତିଚିହ୍ନ ସ୍ୱରୂପ ସଯତ୍ନେ ରକ୍ଷିତ ହେଲେ ଚରିତାର୍ଥ ହେବି ।

ତା ୧୦ । ୫ । ୯୧୯ — ଆଶୀର୍ବାଦକ

ଦେବଗଡ଼ ବାମଣ୍ଡା । — ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ।

Source: FB Nanda, Digitized by PPRACHIN, SOA

ଭୂମିକା ।

'ନଡ଼ଅପଇତା' କ୍ଷୁଦ୍ର କବିତା ପୁସ୍ତିକା, ଏହିପୁସ୍ତିକାରେ ବିଭିନ୍ନ ବିଷୟରେ ତେରଟି କବିତା ସଂଯୋଜିତ କରାଯାଇ ଅଛି । 'ସେ ସଙ୍ଘଦେ କାସ ପ୍ରୟୋଜନ' ନାମକ କବିତାଟି ସର୍ବାପେକ୍ଷା ଦୀର୍ଘ ଓ ସୁପ୍ରଣାଳୀରେ ଲିଖିତ । କବିତାର ପ୍ରଚଳନ ଉତ୍କଳ-ସାହିତ୍ୟରେ ବିଶେଷ ପରିମାଣରେ ପରିଦୃଷ୍ଟ ହୁଏ । ସାହିତ୍ୟର ବିକାଶ ଯୁଗରେ କବିତାର ଆବିର୍ଭାବ ପ୍ରଥମତଃ ହୋଇଥାଏ ! ଅତଏବ ଉତ୍କଳସାହିତ୍ୟର ନବବିକାଶ ଯୁଗରେ କବିତାର ପରିମାଣ ବୃଦ୍ଧିହେବା ଅସଙ୍ଗତ ନୁହେ । ନିଖିଳ ସୌନ୍ଦର୍ଯ୍ୟ-ମଧ୍ୟରେ ଯେଉଁ ମାଧୁରୀ ଓ ଶିକ୍ଷା ନିହିତଅଛି ତାହା ବ୍ୟାଖ୍ୟାକରି କବି ଓ ଚିତ୍ରକରର କାର୍ଯ୍ୟ, ବ୍ୟାଖ୍ୟାର ଭାଷା କଷ୍ଟହେଲେ କ୍ଷତିନାହିଁ । ନିଗୂଢ଼ ତତ୍ତ୍ୱକଥା ଯେତିକି ଯେ ପ୍ରକାଶ କରିପାରେ ସେ ସେତିକି ନିପୁଣ, ଯଦିକେହି ନିଗୂଢ ମର୍ମ୍ମକଥାର ସନ୍ଧାନ ନକରି କେବଳ ଭାଷାର ଆଡ଼ମ୍ବର ଦେଖାନ୍ତି ସେ ବ୍ୟର୍ଥ । ଯଦି କେହି ଭାଷା ଓ ବିଶ୍ଳେଷଣ ଏକତ୍ର ମିଳାଇ ପାରନ୍ତି ତେବେ ତାହାଙ୍କର ଶକ୍ତି ଅତୁଳନ ।

ଏହି ପୁସ୍ତିକାରେ ମାନବପ୍ରକୃତିର ବିବିଧପଥର ସମା-ଲୋଚନା ନିହିତଅଛି, ଲେଖକ ମାନବଚରିତ୍ର ବିଶ୍ଳେଷଣ କରିବାକୁ ଯାଇ ଯେପରି କୃତକାର୍ଯ୍ୟ ହୋଇ ଅଛନ୍ତି ତାହା ସମ୍ପୂର୍ଣ୍ଣ ଆଶାପ୍ରଦ; "କାଳପୁରୁଷ" "ସେ ସଙ୍ଘଦେ କାସ ପ୍ରୟୋଜନ" ପ୍ରଭୃତି କବିତାରେ ମାନବସମାଜର ବିଲକ୍ଷଣ ତ୍ରୁଟି ଲେଖକ

Source: FB Nanda, Digitized by PPRACHIN, SOA

ଦେଖାଇଦେଇ ଅଛନ୍ତି । ମାନବ ସମାଜର ବିବିଧତ୍ରୁଟି ଧରାଇ ଦେବାକୁ ଲେଖକ ଚେଷ୍ଟାକରି ସାଧାରଣଙ୍କୁ ଯେଉଁଚିତ୍ର ଦେଖାଇଦେଇ ଅଛନ୍ତି ତାହା ଆଲୋଚନା ଯୋଗ୍ୟ । ପଥଭ୍ରାନ୍ତ ମାନବ ସର୍ବଦା କୁପଥର ପଥିକହୋଇ ବିଧାତାଙ୍କର ଅମୂଲ୍ୟ ଦାନପ୍ରତି ହେୟତା ପ୍ରଦର୍ଶନ କରି କିପରି ଅସାର ବ୍ୟସନର ବଶୀଭୂତ ହୋଇଥାଏ ତହିଁର ଚିତ୍ର ଏହି ପୁସ୍ତିକାର କେତେକ ସ୍ଥାନରେ ସୁନ୍ଦରରୂପେ ପରିସ୍ଫୁଟ ହୋଇଅଛି । ପୁସ୍ତକ ସନ୍ନିବେଶିତ କବିତା ଗୁଡ଼ିକ ଗୋଟିଏ୨ ସ୍ୱପ୍ନକୁ ଉପାଲମ୍ବିତ, ପ୍ରତି କବିତାରେ ବିବିଧରସ ସଂଯୁକ୍ତଅଛି, ରସାଭିଳାଷୀ ପାଠକେ ଏହି କବିତାବଳୀ ପାଠକରି ତୃପ୍ତହେବେ ବୋଲି ଆଶାକରାଯାଏ । ଗ୍ରାମାଞ୍ଚଳରେ ବ୍ରାହ୍ମଣମାନେ ନାରିକେଳ ଓ ଯଜ୍ଞୋପବୀତ ଧରି ଉପସ୍ଥିତହେଲେ ଯଥୋଚିତ ସମ୍ମାନ ଓ ପୁରସ୍କାର ପାଇଥାନ୍ତି । ଲେଖକ ରସପୂର୍ଣ୍ଣ ନାରିକେଳ ଓ ପଇତାଧରି ସାହିତ୍ୟ ସେବକମାନଙ୍କ ଆଗରେ ଦ୍ୱାରସ୍ଥହୋଇ ଅଛନ୍ତି ଲେଖକଙ୍କର ଆଶା ସାହିତ୍ୟିକବୃନ୍ଦ ପୂରଣକଲେ ଲେଖକ ଉତ୍ସାହିତ ହୋଇ ମାତୃସାହିତ୍ୟକୁ ବିବିଧ ଅଳଂକାରରେ ବିଭୂଷିତ କରିବାକୁ ବାଧ୍ୟରହିବା ସ୍ୱାଭାବିକ ।

ଲେଖକଙ୍କର ମାତୃଭୂମି ପ୍ରତି ଭକ୍ତି ଆଶାପ୍ରଦ 'ଉତ୍କଳ ଜନନୀ' ନାମକ କବିତାରେ ଲେଖକ ମା'ଙ୍କପ୍ରତି ଯେଉଁଭକ୍ତିର ବିକାଶ ଦେଖାଇ ଅଛନ୍ତି ତାହା ଅନୁପଯୁକ୍ତ ହୋଇନାହିଁ । ମାତୃପ୍ରୀତି ପ୍ରଚାର କାମନାରେ ଲେଖକ ଏକସ୍ଥାନରେ କହିଅଛନ୍ତି—

Source: FB Nanda, Digitized by PPRACHIN, SOA

ଉଠ ଉଠ ଦେଶବାସୀ ଭ୍ରାତୃବର୍ଗ ସବେ
ଆଳସ୍ୟ ଔଦାସ୍ୟ ତେଜ ଏକପ୍ରାଣ ମନେ,
ଜନନୀ ଦୁର୍ଦ୍ଦଶା-ନାଶ କରିବା ପ୍ରବୃତ୍ତ
ଅବାଧ ଉଦ୍‌ଯୋଗ-ମନ୍ତ୍ରେ ସୁଶିକ୍ଷା-ଭାସ୍କର
ଜନନୀ ବିଶୁଷ୍କ ମୁଖ ହେବହେ ପ୍ରସନ୍ନ ।

"ସେ ସମ୍ପଦେ କାସ ପ୍ରୟୋଜନ" କବିତାରେ ଲେଖକ ସକଳଶ୍ରେଣୀର ବ୍ୟକ୍ତି ବିଶେଷ ଉପରେ ନିର୍ଭୀକଭାବରେ କଶାଘାତ କରିଅଛନ୍ତି । ସମାଜ ସଂସ୍କାରକଠାରୁ ସାଧାରଣ ଶ୍ରମଜୀବୀଙ୍କ ପ୍ରତି ଲେଖକ ଲେଖନୀ ପରିଚାଳନ କରି ଯେଉଁ ସତ୍‌ସାହସର ପରିଚୟ ଦେଇଅଛନ୍ତି ତହିଁରେ ବୃଥାଦମ୍ଭ ନାହିଁ । ଲେଖକ ସରଳଭାଷାରେ ମାନବ ସମାଜର ତ୍ରୁଟୀ ଦେଖାଇଦେଇ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇ ଅଛନ୍ତି । ତାଙ୍କର ନୈତିକ ସାଧନା [illegible] ଯୋଗ୍ୟ ।

ପ୍ରକାଶିତ କବିତା ଗୁଡ଼ିକରେ ଯେଉଁଧାରା ଚାଲିଅଛି ସେହିଧାରା କବିତା ରଚନାପକ୍ଷେ ସର୍ବଦା ଆବଶ୍ୟକ, ସରସ, ସୁକୋମଳ ତୁଳିକାଧର ସୂକ୍ଷ୍ମମତି ବଶବର୍ତ୍ତୀ ହୋଇ ଲେଖକ ସାହିତ୍ୟ କ୍ଷେତ୍ରରେ ଅଗ୍ରସର ହେଉନ୍ତୁ ଏହାହିଁ ଆମ୍ଭେମାନେ କାମନା କରୁଅଛୁଁ । ନୂତନ ଭାବଭଙ୍ଗୀ, ନୂତନଚିନ୍ତା, ନୂତନ-ବାଣୀ ଯେଉଁ କାବ୍ୟତଥା କବିତାରେ ନାହିଁ ସେହି କାବ୍ୟ ତଥା କବିତା ଦେଶରେ ଆଦର ପାଇବା ଆଶାକରାଯାଏ

Source: FB Nanda, Digitized by PPRACHIN, SOA

ନାହିଁ , ଲେଖକ ନୂତନବାଣୀ ଶୁଣାଇବାକୁ ଚେଷ୍ଟିତ ଅଛନ୍ତି ତହିଁରେ କୃତକାର୍ଯ୍ୟତା ଲାଭକରିବାକୁ ହେଲେ ଗଭୀର ସାଧନା ଆବଶ୍ୟକ ।

ପରଶେଷରେ ଏହି ପୁସ୍ତକର ପ୍ରକାଶକ ଶ୍ରୀମାନ୍ ବୀର-କିଶୋର ସିଂହଦେଓ (ଜମିଦାର ସାହେବ ଧରଣ୍ଡ୍ରା) ମହାଶୟଙ୍କୁ ଅମ୍ଭେମାନେ ଧନ୍ୟବାଦ ପ୍ରଦାନ କରୁଅଛୁଁ । ବର୍ତ୍ତମାନ ସିଂହଭୂମରେ ନବଜାଗରଣର ସୂଚନାମିଳୁଅଛି । ସିଂହଭୂମବାସୀ ନିଜର ମାତୃଭାଷାର ଗୌରବରକ୍ଷାର୍ଥେ ଯତ୍ନବାନ୍ ହେଉଅଛନ୍ତି, ନିର୍ବାସିତା ଉତ୍କଳଭାଷା ପୁଣି ସିଂହଭୂମରେ ସାଦରେ ପୂଜିତ ହେବବୋଲି ଅନେକେ ଆଶାକରନ୍ତି । ଶ୍ରୀମାନ ବୀରକିଶୋର ସିଂହଦେଓ ମହାଶୟ ସିଂହଭୂମରଜଣେ ଭୂସ୍ୱାମୀ, ତାହାଙ୍କର ମାତୃ-ସାହିତ୍ୟ ପ୍ରୀତି ପ୍ରଶଂସନୀୟ । ସେ ଆଗ୍ରହ ସହିତ ଲେଖକଙ୍କୁ ଉତ୍ସାହିତ କରିଅଛନ୍ତି, ସିଂହଭୂମର ଅନ୍ୟାନ୍ୟ ଭୂସ୍ୱାମୀଗଣ ଓଡ଼ିଆ ଭାଷାର ଗୌରବରକ୍ଷାର୍ଥେ ଆଗ୍ରହାନ୍ୱିତ ହେଲେ ସିଂହ-ଭୂମରେ ମାତୃସାହିତ୍ୟ ପ୍ରୀତି ଉଦ୍ଘୋଷିତ ହେବ ।

ତା ୮ । ୫ । ୧୯୨୯
ଦେବଗଡ଼ ବାମଣ୍ଡା

ଶ୍ରୀ ବୃନ୍ଦାବନନାଥ ଶର୍ମା

Source: FB Nanda, Digitized by PPRACHIN, SOA

ସୂଚୀପତ୍ର ।

ବିଷୟ	ପୃଷ୍ଠା
୧- ମୋର କଥା ...	୧
୨- କାଳପୁରୁଷ ...	୩
୩- ତୋଷାମୋଦ ପ୍ରିୟ ଆଶୁତୋଷଙ୍କର ଅପରିଣାମ ଦର୍ଶିତା ...	୭
୪- ନବ ବିବାହିତ ବୃଷପ୍ରଛ	୧୨
୫- ପ୍ରିୟା ...	୧୫
୬- ଯୁବା ଓ ବୃଦ୍ଧ	୧୬
୭- ଶ୍ୱାନ ଓ ମୃଗ	୧୭
୮- ଦୁର୍ଭିକ୍ଷ କାଳ	୨୨
୯- ନଦୀ ଓ ହିନ୍ଦୁ	୨୪
୧୦- ଉତ୍କଳ ଜନନୀ	୨୫
୧୧- ଅମୂଲଠାକୁର	୨୯
୧୨- ସେ ସମ୍ପଦେ କିସ ପ୍ରୟୋଜନ ?	୩୦

Source: FB Nanda, Digitized by PPRACHIN, SOA

ନଈଆପରତା ।

ମୋର କଥା ।

ମୋରକଥା ସଦା ରହିବ ଗୋ ମୁହିଁ
  ମୋର କାର୍ଯ୍ୟେ ପ୍ରାଣ କରିବ ପଣ
ମୋରଲାଗି ଧନ ଦଉଲତ ସବୁ
  ମୋକଥା କରିବ କିପାଁ ଲଙ୍ଘନ ;
ମୋରକଥା ମାନ ରଖିବ ମୁଁ ସଦା
  ହେବନାହିଁ କେବେ ସ୍ୱବାକ୍ୟ ଭ୍ରଷ୍ଟ
ନିଜସ୍ୱତ୍ୱ ଡିଙ୍ଗି ପରସ୍ୱତ୍ୱ ଲୋଡ଼ି
  କିପାଁ ସହିବ ସେ ଅଭାବ କଷ୍ଟ ।
ମୋର ଅପ୍ରବୃତ୍ତି କରି ସଂଶୋଧନ
  ନିର୍ଦ୍ଦୋଷ କରିବ ମୋର ଜୀବନ
ମୋହର ସୌଭାଗ୍ୟେ ଅର୍ଜିବ ଗୋ ମୁହିଁ
  ଉଜ୍ଜ୍ୱଳ ପବିତ୍ର ସୁଯଶଧନ ।
ନୁହେଁ ମୁଁ ସେଭଳି ମର୍ଯ୍ୟାଦାବନ୍ତ ଗୋ !
  (ତଥାପି) ମୋମାନ ମର୍ଯ୍ୟାଦା ମୋତେ ଯଥେଷ୍ଟ
ମୋ ସାମାନ୍ୟ ମାନ ମର୍ଯ୍ୟାଦା ରକ୍ଷଣେ
  ହେବନାହିଁ କେବେ ବଳେ ନିଶ୍ଚେଷ୍ଟ ।

Source: FB Nanda, Digitized by PPRACHIN, SOA

ମୋଅର୍ଜିତ ଫଳ ମୋର ଗୃହେବସି
ନିର୍ଭୟେ ସ୍ୱାଧୀନ ଭବେ ଭୁଞ୍ଜିବି
ପଡ଼ୁଯେତେ ଦୁଃଖ ସୁଦୃଢ଼ ହୃଦୟେ
ନୀରବେ ଗମ୍ଭୀରେ ସବୁ ସହିବି ।
ନୃପତି ସୌଭାଗ୍ୟ ମିଳିବ ଯେବେଗୋ !
ହର୍ଷୋତ୍ଫୁଲ୍ଲ ମନେ କାହିଁ ହସିବି ?
ଦରିଦ୍ର ଦୁର୍ଦ୍ଦଶା ଘୋଟିବ ଯେବେଗୋ
ଦୁଃଖଦଗ୍ଧମନେ କାହିଁ କାନ୍ଦିବି ? ।
ସୁଖ ଦୁଃଖ ସବୁ ପିଠିରେ ପକାଇ
କରିବ ଦୃଢ଼େ ମୋର କାର୍ଯ୍ୟ ସାଧନ ;
ମୋ-ମନ ବାସନା ପୂର୍ଣ୍ଣ ପାଇ ସଦା
କରୁଥିବି ବସି ଦୃଢ ଯତନ ।
ମୋରଘର ପାଇଁ ମୋରଦ୍ୱାର ପାଇଁ
ମୋର ଜନ୍ମଭୂମି ପାଇଁ ସନ୍ତତ
ମୋସାମାନ୍ୟ ଶକ୍ତି କରିବ ନିୟୋଗ
ମୋରଜନ୍ମ ମାଟି ମୋତେ ମହତ ।
ମୋ ଜୀବନ କେବେ ବୁଡ଼ାଇବ ନାହିଁ
ମିଥ୍ୟା ମାୟା ମୋହ ଘୋର ଅନ୍ଧାରେ
ସରଳ ସୁନ୍ଦର ଉଜ୍ଜ୍ୱଳ ମାର୍ଗରେ
କରିବି ମୁଁ ଗତି କର୍ମ୍ମ ସଂସାରେ ।

Source: FB Nanda, Digitized by PPRACHIN, SOA

କାଲପୁରୁଷ ।

(କୌଣସି ଗୋଟିଏ ବଙ୍ଗୀୟ କବିତାର ଅବଲମ୍ବନେ)

ଉପସ୍ଥିତ କାଳ ଭଲମନ୍ଦ କିଏ
ଏପାପ ସଂସାରେ ନପଡ଼େ ଜଣା
ଯାରଯାହା ଇଚ୍ଛା ମନ୍ଦହେଉ ପଛେ
ଆପଣା ପସନ୍ଦେ କରେ ସାଧନା ;
ଅଚାର ବଚାର ନାହିଁତ କାହାର
ମ୍ଲେଚ୍ଛ କାରବାରେ ପୂର୍ଣ୍ଣ ଜଗତ
ସ୍ୱେଚ୍ଛାଚାରେ ଧରା ହୋଇଅଛି ଭରା
ନମାନନ୍ତି ବାପା ! ସାଧୁ ମହତ ।
ବ୍ୟାକରଣେ ଅଜ୍ଞ ଛନ୍ଦେ ଅନଭିଜ୍ଞ
ଜନ୍ମଅନ୍ଧ ଯେତେ ଅଛନ୍ତି ଭବେ
ଚମ୍ପୂଷ୍ଟାନ ପଦ ପାଇ ଗଦ ଗଦ ,
ନାହିଁ ନାହିଁ ଲଜ୍ଜା ତାଙ୍କର ଲବେ ;
ଗୃହ ଅନ୍ତରାଳେ ଖାଉଛନ୍ତି ଗୋରୁ
ଶୁଣୁଅଛି କିଏ କାହାର ମନା
ଗୁରୁ ପୁରୋହିତେ ଏସମୟେ ଭାଇ !
ହୁଅନ୍ତି ସଂସାରେ ନପଟେ କଣା ;
କିନ୍ତୁ ସେହିମାନେ ଟେକନ୍ତିରେ ଫଣା

Source: FB Nanda, Digitized by PPRACHIN, SOA

ବିଳାତ ପ୍ରବାସୀ ଫେରିବା କାଳେ
ସ୍ୱଦେଶୀୟ ଗୋରୁ ଏଡ଼େଶୁଦ୍ଧ ପୂତ
ବିଲାତୀୟ ଗୋରୁ କପାପ କଲେ ?
ଅଥବା ଅବାଟେ ସନାତନ ଧର୍ମ୍ମ
ଚାଲିଯାଏ କେଉଁ ରସାତଳକୁ
ଏଣେ ପୂଜ୍ୟା ପୁଜ୍ୟା ହୁଏ ଭ୍ରୂଣ ହତ୍ୟା
ଦିଶେନାହିଁ ଲଜ୍ଜାହୀନ ନେତ୍ରକୁ ;
ପିଞ୍ଜରା ଆବଦ୍ଧ ବିହଙ୍ଗ କଷଣ
ଦେଖିମନେ କାର ଜନ୍ମେନା' ଦୁଃଖ
ବଳେ ରାଧାକୃଷ୍ଣ ବଚନ ଶ୍ରବଣେ
ମାନସ-ମନ୍ଦିରେ ଉପୁଜେ ସୁଖ ?
ଜୀବନ୍ତ ପିତାଙ୍କୁ ଦିଅନ୍ତୁନା' ଅନ୍ନ
ମୃତ୍ୟୁଅନ୍ତେ ଶ୍ରାଦ୍ଧ କରଣେ ବ୍ୟସ୍ତ
ନିଜଯଶ ପାଇଁ ଦାନ ଧ୍ୟାନ ସବୁ
ସ୍ୱାର୍ଥମୟ ଏହି ବିଶ୍ୱ ଜଗତ ।
ଦେଲେ ଗୃହାଫର୍ଦ କରନ୍ତରେ ସହି
ସିଦ୍ଧହସ୍ତ ସଦା ତହିଁରେ ନର
ବୋଉଏ ନଦେଇ ହୁଅନ୍ତରେ କହି
ଅମ୍ଭେ ବଡ଼େ ଏକା ବଦାନ୍ୟବର ।
ଦୀନ ଭିଖାରୀଏ ପାଆନ୍ତୁନା ଭିକ୍ଷା

Source: FB Nanda, Digitized by PPRACHIN, SOA

ଗାର୍ଡ଼ନ ପାର୍ଟିର୍ ନାହିଁ ଗଣନା ,
ବ୍ରାହ୍ମଣ ପଣ୍ଡିତ ସାଧୁ ସନ୍ୟାସିଙ୍କୁ
ଗୃହଅଗଣାରେ ପଶିବା ମନା ;
ଯଦ ଆନ୍ତ କେହି ଜଣେ ଅଧେ ଦାତା
ବିଦ୍ୱବେ ଯେସନ କଳପତରୁ,
ଦୈତ୍ୟଗୁରୁ ଶୁକ୍ର-ମନ୍ତ୍ରୀ ପରାମର୍ଶେ
ହୁଅନ୍ତି ସେ ମହା ଶାହାର ମରୁ ;
ଘରର ମାଇପେ ପାଆନ୍ତି ନା କାଚ
ବାହାରେ ପିନ୍ଧାନ୍ତି ସୁବର୍ଣ୍ଣବଳା
ଶାଳକ ପାଏରେ ଘୃତପକ୍ୱଅନ୍ନ
ଭାଇପାଏ ମହାଘୋର ଅମ୍ବିଳ
ଜନନୀ ଅଙ୍ଗାରେ ନାହିଁ ଟେ ଲେଙ୍ଗୁଡ଼ି
ଶାଶୁପାଇଁ ବନାରସୀ କାରଣ
ପାଆନ୍ତି ନା' ଗୁରୁ ବର୍ଷକେ ସିଉକେ
ସୁଣ୍ଢି ପାଇଁ ଢକ ଘର ଲୁଣ୍ଠନ ।
ସମିତି ଗଠନ ବକ୍ତୃତା ପ୍ରଦାନ
ଫର୍ଦ୍ଦା ଆଡ଼ମ୍ବର ନୁହଇ କିନ୍ତୁ
ନାମେ ଅସମ୍ଭାଳ କାମେ ଶୂନ୍ୟ ଫଳ
କର୍ମୀ ଲୋକେ ଏହା କରନ୍ତି ହୁଣ୍ଡି,
ଅନ୍ନଭୂମି ଦାତା ବୈଦ୍ୟ ସ୍ୱାସ୍ଥ୍ୟ ଦାତା

Source: FB Nanda, Digitized by PPRACHIN, SOA

ହେଲେଣି ସକଳେ ଏକାଳେ ପାଜି
ବାଦସାହ ବଂଶ "ନେଡ଼େ" ନାମେ ଖ୍ୟାତ
ତାଙ୍କ ଯଶୋଗାନେ ସର୍ବେ ଅରାଜ ;
ନମକହରାମ ସକଳ ସମ୍ପ୍ରତ
ଉଛକର ଗଛ ଚଳନ୍ତି ବାଟ
ଜାଣନ୍ତିନା ମୂଢ଼େ କ୍ରୋମିକେଲ ବାଧେ
ପୁନଃ ମୂଷାହେଲେ ସରବ ହାଟେ ।
ସ୍ୱଦେଶ ଉଦ୍ଧାର ବ୍ୟାଜରେ କ୍ରନ୍ଦନ
କରନ୍ତି ସକଳେ ସ୍ୱାର୍ଥ ସାଧନେ
ଦେବାକଥା ମିଛ ନେବାକଥା ସ୍ୱଚ୍ଛ
ସ୍ୱଦେଶ ପ୍ରେମିକ ସଦାଚରନେ;
ଘୋଟକ ଫିଟାଇ ଓଟାରନ୍ତି ଗାଡ଼ି
ଦେଖାନ୍ତି ଆପଣା ଅନାର କେତେ
ଭାବନ୍ତି ନା' ଥରେ ଅଗ୍ରେମ୍ନା ଲୋକଟି
କିଖାଇ ବଞ୍ଚନ୍ତି ଏହି ଜଗତେ ;
ଥିଲେ ଗାଡ଼ିଟେଣା ମଲେ ଶୋକ ସଭା
ଲାଗିଅଛି ଏହି ଭଣ୍ଡ କରମ
କାରମୁଣ୍ଡେ ଛଏ କା'ର ମୁଣ୍ଡେ ଘାର
ଏକାଳର ଏହା ନିତ୍ୟ ଧରମ ।

Source: FB Nanda, Digitized by PPRACHIN, SOA

ତୋଷାମୋଦ ପ୍ରିୟ ଆଶୁତୋଷଙ୍କର ଅପରଣାମଦର୍ଶିତା ।

ଏକଦା କୈଳାସେ ଆଶୁତୋଷ ପାଶେ
 ଭସ୍ମାସୁର ନାମେ ରାକ୍ଷସବର
ଫଳଲାଭ ଆଶେ ସଭକ୍ତି ମାନସେ
 ସ୍ତବସ୍ତୁତି କଲା ବହୁ ପ୍ରକାର ।
ରାକ୍ଷସ ଚକ୍ରାନ୍ତ ଦେବ ଭୋଳାନାଥ
 ନବୁଝି କ୍ଷଣକେ ହେଲେ ପ୍ରସନ୍ନ
ଆଶୁତୋଷ ଯେଣୁ ଆଶୁତୋଷ ହେବା
 ଆଶ୍ଚର୍ଯ୍ୟ ହେବାର ନାହିଁ କାରଣ ।
ବୋଇଲେ " ରେ ବତ୍ସ କି ଅଭିଷ୍ଟ ତୋର
 କହ କହ ଶୀଘ୍ର ଫେଡ଼ି ଅଗ୍ରତେ
ହେଲୁମୁହିଁ ତୁଷ୍ଟ ଯିବ ତୋର କଷ୍ଟ
 ଧନ୍ୟତୋ ଭକତ ବାଧ୍ୟ ଜଗତେ । "
ଜାତରେ ଅସୁର ମହାନ ଚତୁର
 ଶିଖି ପଢ଼ିକର ପୂର୍ବୁଁ ରହିଛି
ଯୋଗ୍ୟ ଅବସର ଜାଣି ଭାଷେ ତ୍ୱରା
 " ଅଛୁଏ ଶ୍ରୀପଦେ ମାଗୁଣି କିଛି ;
ଅନ୍ତର୍ଯ୍ୟାମୀ ପ୍ରଭୋ ! କି ନଜାଣୁ ତୁମ୍ଭ

Source: FB Nanda, Digitized by PPRACHIN, SOA

ମୋକ୍ଷାମନା ନାହିଁ ତୋତେ ଅଜଣା,
ଭକ୍ତର ହୃଦୟ କଳିବା ପାଇଁକି
କରୁଥାଉ ପିନା ନାନା ଛଳନା ;
ଲୋଡ଼ାନାହିଁ ଧନ ଲୋଡ଼ାନାହିଁ ମାନ
ହସ୍ତୀ ଘୋଡ଼ା ରାଜ ବିଭବ କିଛି
ତୋହର କୃପାରୁ ପ୍ରଭୋ କୃପାନିଧି !
ଧନମାନ ସବୁ ପୂରି ରହିଛି ।
ଏତିକ ପ୍ରାର୍ଥନା ଶ୍ରୀପଦେ ଦାସର
ସ୍ଥାପିବ ଯା'ଶିରେ କର ମୋହର
ତ୍ରିପୁର ଜୟୀ ହେଲେ ହୁଅ ସେହୁ
ତତ୍‌କାଳେ ଭେଟିବ ଯମର ଘର ।"
"ତଥାସ୍ତୁ" ବଚନ ଶୁଣନ୍ତେ ଅସୁର
ହର ଶିର ଲକ୍ଷେ ଟେକିଲା ପାଣି
ଶିବ-ଦତ୍ତବର-ଅସ୍ତ୍ରେ ଶିବେ ମାର
କୃତଘ୍ନ ଅସୁର ନେବତା' ଶାଣି ।
ଏକି ଅଦ୍ଭୁତ ? ଏକ ବିପରୀତ ?
ଭାବି ତୋଷାମୋଦ ପ୍ରିୟ ଈଶାନ
ପଳାଇଲେ ଭୟେ ବାୟୁବେଗେ, ଧାଏଁ—
ପଶ୍ଚାତେ ପଶ୍ଚାତେ ସେ ଯାତୁଧାନ;
ମହା ଅସମ୍ଭାଳେ ପଳାନ୍ତି ଶଙ୍କର

Source: FB Nanda, Digitized by PPRACHIN, SOA

ଜଟାଭାର ଉଡ଼େ ପିଠେ କୌପୀନ
ସ୍ୱେଦେ ଜର ଜର ଶ୍ୱାସ ଖରତର
ପ୍ରାଣ ଭୟେ ହୋଇ ଧୈର୍ଯ୍ୟ ବିହୀନ ।
କାହିଁଯିବେ ଆଉ କିଏବା ରକ୍ଷିବ
ଭ୍ରମିଲେଣି ଏହୁ ବିଶ୍ୱ ମଣ୍ଡଳ
ଅବସାଦ ଆସି ଘୋଟିଲାଣି ଅଙ୍ଗେ
କେ ଭୁଞ୍ଜିବ ନିଜ ଅର୍ଜିତ ଫଳ ।
କେତେ ମନସ୍ତାପ କେତେ ଅନୁତାପ—
ଅନଳେ ହେଉଛି ଘାର ହୃଦୟ
ନବୁଝି ନଚାନ୍ତି ତୋଷାମୋଦେ ମାତି
କାର୍ଯ୍ୟକରୀ ବିଶ୍ୱେ ଘୋର ଅନ୍ୟାୟ ।
ଭୀଷଣ ବିପଦେ ପଡ଼ି ଆଜି ହର
ଦଉଡ଼ି ଦଉଡ଼ି ହେଲେଣି ଥକା
ଯହିଁଗଲେ ତହିଁ ରହିଛି ପଶ୍ଚାତେ
ନିଜ ସୁବୁଦ୍ଧିର ଭୀଷଣ ଧକ୍କା ।
କବୁଦ୍ଧି କରିବେ ବାଟ ଦିଶୁନାହିଁ
ଗଲାଣିତ ସାହା ଚୈତନ୍ୟ ଉଡ଼ି
ଭଲାବର ଏହା, ବର ସତ୍ୟାସତ୍ୟ
ବୁଝିବ ରାକ୍ଷସ ବରଦେ ପୋଡ଼;
ଜଗତସହାୟ ହୋଇ ଅସହାୟ

Source: FB Nanda, Digitized by PPRACHIN, SOA

ପାରୁଛନ୍ତି ଉଚ୍ଚା ଅରତ ସ୍ୱରେ
ରହ ରହ ବୋଲି ଚରମେ ଦାନବ
 ଡୋକୁଅଛୁ କର ଅତ ଦୁଃଖରେ ;
— ବଳଅ ଅଗରୁ ଶାର୍ଦ୍ଦୂଳ ପ୍ରତମ
 ପଳାନ୍ତି ଅକୁଟେଳ ଦେବ ତ୍ର୍ୟମ୍ବକ
ବନ୍ଧୁର ସମାନ ମାର୍ଗେ ଲକ୍ଷନାହିଁ
 ଫୁଟିଲାଣି ପଦେ କେତେ କଣ୍ଟକ ।
ଧୂର୍ଜଟୀ-ଦୁର୍ଗତି ସ୍ୱର୍ଗେ ଦେବପନ୍ତି
 ଦେଖି ଉଚ୍ଚସ୍ୱରେ କହିଲେ " ହର !
ତୁମ୍ଭର ଏଅସ୍ଥା ହୋଇଯିବ ନଷ୍ଟ
 ବଷ୍ଣୁଙ୍କ ସମୀପେ ଯାଅ ସତ୍ୱର । "
ଶୁଣି ସ୍ୱର୍ଗବାଣୀ ପିନାକୀ ସେକ୍ଷଣି
 ଦଉଡ଼ି ବୈକୁଣ୍ଠେ ହେଲେ ପ୍ରବେଶ
ହର ପଛେ ପଛେ ଦନୁଜ ସବେଗେ
 ଲଭିଲା କ୍ଷଣକେ ବିଷ୍ଣୁଙ୍କ ଦେଶ ।
ଦାନବର ଗତି କରଣ ନିବୃତ୍ତି
 ପୃଚ୍ଛିଲେ ବଷମ୍ଭୁ ରମା ରମଣ
ପୃଷ୍ଠଭାଗେ ରହି ଦେବ ଉମାଧବ
 ଅବୃତ୍ତି କରନ୍ତେ ସର୍ବ କାରଣ
ବୋଇଲେରେ ମୂଢ଼ ଦାନବ ନଜାଣୁ

Source: FB Nanda, Digitized by PPRACHIN, SOA

ଭ୍ରୁଅଙ୍କୁ କପାଁ ହର ଉଦ୍ଦେଶେ
ହାତେପିଙ୍କ ସଙ୍ଗା ଲୋଡ଼ୁକୁ ଦର୍ପଣ ?
ହାତସ୍ଥାପ ନଜ ମସ୍ତକ ଦେଶେ ।
ବୁଝିବୁ ଶିବାଜ୍ଞା ସତ ଅବା ମିଛ
ଧୂଇବ ତୋହର ସନ୍ଦେହ ରାଶି ;
ବଷ୍ଣୁମୁଖ ବାଣୀ ସତ୍ୟମଣି ମାଣି—
ସ୍ଥାପନ୍ତେ ସ୍ୱଶିରେ ହୋଇ ବଶ୍ୱାସୀ ।
ଭସ୍ମେ ପରଣତ ହେଲାସେ ଦୁର୍ବୃତ୍ତ
ଶିବଙ୍କ ଶ୍ରୀଅଙ୍ଗେ ଅସିଲା ବଳ
ଅସାଧ୍ୟ ସାଧନ କ୍ଷଣକେ ସାଧିବ
ଅସଲ ଅଟଇ ହରେ, କୌଶଳ
ନାହିଁ ସେହୁକାଳ ଭସ୍ମାସୁର ଭଳି
ନଜଶିରେ ସ୍ଥାପି ଆଜ ରେ କର
ହେବେ ଅନୁଯାଗୀ , ବବେକବହୀନ
ଥିବାରୁ ଅସୁର ବଞ୍ଚିଲେ ହର
ଆଜକାଲି ଲୋକ ନୁହନ୍ତରେ ମୂର୍ଖ
ଜାଣନ୍ତି ସେ ନବ କଳ କୌଶଳ
ନବ ତୋଷାମଦ ବଡ଼ି ସାଙ୍ଘାତିକ
ସାବଧାନ ଧନୀ, ମାନୀ ମଣ୍ଡଳୀ !

—:*O*:—

Source: FB Nanda, Digitized by PPRACHIN, SOA

ନବବିବାହିତ ବୃଦ୍ଧ ପ୍ରତି ।

ଏକଷଷ୍ଠି ବୃଦ୍ଧ ! ତବ ଚତୁର୍ଥ ଜୀବନେ ?
ଏଘୋର କଳଙ୍କ ଶୁଣା ନାହିଁ ତ୍ରିଭୁବନେ,
ଅଶିକୁ ସାମାନ୍ୟ ଅଳ୍ପ ବୟସ ତୁମ୍ଭର
ହୋଇଛନ୍ତି ପଳିତ ଆହା ! ଚିକୁର ନିକର ,
ହେଲାଣି ଲୋଳିତ ଚର୍ମ୍ମ, ସ୍ଖଳିତ ରଦନ,
ଶକ୍ତିବିନା ଥରଥରେ କମ୍ପେ ଅପଘନ ;
ପୁତ୍ର ପୌତ୍ର ପ୍ରପୌତ୍ରାଦି ଯଥେଷ୍ଟ ସଂସାରେ
ଲାଗିଛନ୍ତି ସର୍ବେ ତବ ସେବା ଶୁଶ୍ରୂଷାରେ,
ତଥାପି ଅସାର ଭବ ପୋଷିଛ ମାନସେ ?
ତଥାପି ବଳାଅ ମନ ପାପପୂର୍ଣ୍ଣ ରସେ ?
ଅଧର-ଅମୃତ-ଆଶା ମେଣ୍ଟି ନାହିଁ ତବ ?
ଭୁଲିନାହିଁ ତୁଚ୍ଛନାରୀ ସୌନ୍ଦର୍ଯ୍ୟ ବିଭବ ?
ଧନ୍ୟବୃଦ୍ଧ ! ପ୍ରେମତବ ଆଶ୍ଚର୍ଯ୍ୟ ସୋହାଗ,
ଧନ୍ୟ ରସିକତା ! ପୁଣି ଧନ୍ୟ ଅନୁରାଗ ! !
ରସ-ସିନ୍ଧୁ-ଇନ୍ଦୁ ରୂପେ ମଣ୍ଡିଯା' ସଂସାର
କରୁଅଛ ଜୂର କାମରାଜାର ଭଣ୍ଡାର
ବିବାହ ବାସର ଗଲା ଗତକଲ୍ୟ ତବ
ବିଶ୍ୱବାସୀ ନେବେ ଏକ ଦୃଶ୍ୟ ଅଭିନବ ;

Source: FB Nanda, Digitized by PPRACHIN, SOA

ତୁମ୍ଭର ଏ ପରିଣୟ ନୁହେ ପରିଣୟ
ବିଶୃଙ୍ଖାଳତ୍ୱ ଏକ ଘୃଣ୍ୟ ଅଭିନୟ ।
ବିବାହ ରହସ୍ୟ ତବ ଅଟଇ ଅଦ୍ଭୁତ
ଶୁଣିଲେ ଶ୍ରୋତାକୁ ତାହା ଲାଗିବ କୌତୁକ
ଶୋଇଛନ୍ତି ବୃଦ୍ଧ ପୌତ୍ର ନିଶ୍ଚିନ୍ତ ମନରେ
ଉପସ୍ଥିତ ହେଲ ଆସି ଅଜଣା ଭାବରେ
ପ୍ରେମ ପୁତ୍ତଳିକା ନବ ପ୍ରଣୟିନୀ ସଙ୍ଗେ
ବରବେଶେ , ଗୀତ ଗାଇ ନାନାନନ୍ଦ ରଙ୍ଗେ ;
ସକର୍ତ୍ତ୍ରୀ କର୍ତ୍ତାଙ୍କୁ ଦେଖି ଗୃହର ସକଳେ
ସ୍ୱପ୍ନକି ପ୍ରକୃତ ଏହା ଭାବନ୍ତି ନିଶ୍ଚଳେ ;
ଯୌବନର ଉପବନେ ପ୍ରବେଶି ସରଳା
ଷୋଡଶବର୍ଷୀୟା ବାଳା ସତତ କୋମଳା
ହେ ନିଷ୍ଠୁର ! ଲଭିତବ ଅଙ୍କ ସିଂହାସନ
ଯେ ଦୁଃଖ ଭୁଞ୍ଜଇ ଏକା ଜାଣେ ତାର ମନ ।
ତୁମ୍ଭଭଳି ବୃଦ୍ଧାଟେକି ନଥିଲା ବର୍ବର
ମଥାଟା ଖାଇଲି କିଆଁ ବାଳିକାଟାକର ।
ଧିକ୍‌ବୃଦ୍ଧ ! ସାଜନ୍ତୁ ଯା' ଯୁଗଳ ମୂର୍ତ୍ତି ,
ଶୁଷ୍କତରୁ ଅଙ୍ଗେ କରେ କୋମଳ ବ୍ରତତି ;
ସମାଜ ବଦନେ କଲ କାଳିମା ଲେପନ

ଏବୟସେ କର ବୃଦ୍ଧ ! ରମଣୀ ଗ୍ରହଣ ;
ମୁହିଁ ପୋତା କଲ ପୁତ୍ର ପୌତ୍ରାଦ ସକଳେ
ଗୃହର ନପାରନ୍ତି ବାଠ ତୁମ୍ଭ କର୍ମ୍ମ ଫଳେ ;
ତୁମ୍ଭର ବା ଏସଂସାରେ କେତେ କାଳ ବାସ ?
ଦିନେଅଧେ ପାଇଁ ଏତେ ଆମୋଦ ବିଳାସ !!
ଜମ-ଦୂତ ପ୍ରେରଅଛି ତେଣେ ମହାକାଳ
ଟାଣୁଛି ତୁମ୍ଭଙ୍କୁ ଦୂତ କରି ଅସମ୍ଭାଳ ,
ତଥାପି ନିର୍ଲ୍ଲଜ ବୃଦ୍ଧ ! ତେଜି ରାମନାମ
ଜପୁଅଛ ଦିବା ନିଶି " କାମ କାମ କାମ ";
ଅଭାଗିନୀ ନାରୀଙ୍କର ପରିଣାମ ଫଳ
ଭାବୁନାହିଁ କ୍ଷଣେ ହେଲେ ? ସଂସାର ମଣ୍ଡଳ
କି ବୋଲିବ କି କହିବ ଏଭାବନା ଥରେ
ଦେଇନାହୁଁ ଦେଖା ତବ ମାନସ କ୍ଷେତ୍ରରେ ?
ମହାବର୍ଷୀୟାନ ତୁମ୍ଭେ ମୁହିଁ କ୍ଷୁଦ୍ରଅତି
କି କହିବ ଏକାର୍ଯ୍ୟରେ ଆଜ ତୁମ୍ଭ ପ୍ରତି ,
ଶୁଣବୃଦ୍ଧ ଅମରଣ ଯେତେ ପୁଣ୍ୟରାଶି
ଅରଜିବ ଏପାପରେ ସବୁ ଯିବ ଭାସି ।

Source: FB Nanda, Digitized by PPRACHIN, SOA

ପ୍ରିୟା ।

(ଅବଲମ୍ବନେ ଲିଖିତ)

ତୃଷାତୁର ହୋଇ କହେ ଯେତେ ବେଳେ
ପ୍ରିୟାକୁ ମୋହର " ଅଣତ ପାଣି,
ମାଳପଦେ ମୋତ ଘୁକୁଡା କାହାଲି
ନଅଁ ଝୁଣ୍ଟା ସଙ୍ଗେ ଦଅଇ ଅଣି ।
ଭୋଜନ ସମୟେ କହିବ ଯଦ୍ୟପି
" ଅଣିଲୁ ଡାଲ୍ଲରେ ଟିକିଏ ଲୁଣ "
ବ୍ୟସ୍ତତା ସହିତ ହାତ ପଘାକର
ଅଙ୍ଗୁଳି ଅଗ୍ରରେ ଅଣେଇଁ ଚୂନ ।
ରୋଗ କାଳେ ତାର କହିବ ଯଦ୍ୟପି
" କପର ଲାଗୁଛି ରେ ପ୍ରାଣଧନ ! "
କହେ ହସି ହସି ହେଲା ଫୁଲଗୁଣା
ଦହିଣୀ! ନୋଥବୁ ବଢୁଛି ମନ ।
ଅମ୍ଭେବେନ ପ୍ରାଣୀ ହେଲେ କଥାବାର୍ତ୍ତା
ଯାହି ପଡଶାଙ୍କ ହୁଏ ପ୍ରାଣାନ୍ତ -
ଅହା ! ସେ ପ୍ରେୟସୀ ଗୁଣ ଝୁରି ଝୁରି
ଜଳିପୋଡ଼ି ମନ ସଦା ଅଶାନ୍ତ ।

—<※>—

Source: FB Nanda, Digitized by PPRACHIN, SOA

ଯୁବା ଓ ବୃଦ୍ଧ ।

ଗର୍ବେ ଅଭିଭୂତ କାର୍ଯ୍ୟେ ମଦମତ୍ତ—
ଯୁବା କହେ ଧରାଅଡ଼କୁ ଚାହିଁ
" ଏବେଠୁଁ ଜଗତ ମାନବଅଯୁତ
ମାନବ କାହାକୁ ମାନିବ ନାହିଁ,
ଯେ ଧରେ ଦେଖଇ ନୟନ ମେଲଇ
ପ୍ରକାଶି ପ୍ରଭାବ ଧରା ମଣ୍ଡଳ—
ଶାସଇ ମାନବ, କିଏ ବାଧାଦେବ
ଅସ୍ଖଳ୍ଲ ଦେଖି ଦେଖିବା ବଳ । "
ଗର୍ବପୂର୍ଣ୍ଣ ବାଣୀ ଯୁବକର ଶୁଣି
ଦେଖାଇ ଅର୍କାଂଶେ ବୃଦ୍ଧ ଭାଷଇ
" କହ ବାପା ଭଲ ଏ ଅନନ୍ତ ରାଜ୍ୟ
ତୁମ୍ଭ ଭିତରରୁ କିଏ ଶାସଇ ? "
ନ ହୁଇ ସାମାନ୍ୟ ବର୍ଷୀୟାନ ପ୍ରଶ୍ନ
ଛଣା ବନ୍ଧା ହୋଇ ସାର ରହୁଛି,
ସାମାନ୍ୟ ଯୁବକ ଦେବକାହୁଁ ଧାଏ
ନିରୁତ୍ତରେ ନତଶିରେ ରହୁଛି ।

Source: FB Nanda, Digitized by PPRACHIN, SOA

ଶ୍ୱାନ ଓ ମୃଗ ।

ଏକଦା ପ୍ରଭାତେ ଦୁର୍ଗ ସନ୍ନିକଟେ
  ତୃଣସୁଶ୍ୟାମଳ ବନ ପ୍ରାନ୍ତରେ
ମୃଗଟିଏ ଭ୍ରମି ତୃଣାଙ୍କୁର ଖୁଣ୍ଟି
  ଖାଉଥାଏ ମହାହୃଷ୍ଟ ଚିତ୍ତରେ
ବନ୍ଧନବିମୁକ୍ତ ନୃପତି ପାଳିତ
  ଶ୍ୱାନଟିଏ-ତହିଁ ମିଳିଲା ଆସି
ଜନ୍ମିଲା ବନ୍ଧୁତା ଶ୍ୱାନମୃଗମଧ୍ୟେ
  ଚିର ହିଂସା ଭୟ ଭାବ ବିନାଶି,
ଭାଷିଲା କୁକ୍କୁର " ଅହା ! ବନ୍ଧୁ ମୋର
  କେତେ କଷ୍ଟ ସହୁଅଛ ଏବନେ
କଷ୍ଟଦେଖି ତବ ମନେଅପେ କ୍ଷୋଭ
  ହୁଏ ଅଶ୍ରୁପୂର୍ଣ୍ଣ ଲବନ ନୟନେ
ସ୍ୱାଦୁସାରହୀନ ବୃକ୍ଷ ପତ୍ର ତୃଣ
  ପ୍ରତିଦିନ ଆହା କର ଭୋଜନ
ନାନା ଆବର୍ଜ୍ଜନାପୂର୍ଣ୍ଣ ତରୁତଳେ
  ଦିବାଅନ୍ତେ ଯାଇଁ କର ଶୟନ ।
ମୋର ବନ୍ଧୁହୋଇ ସହୁଛ ଏକଷ୍ଟ
  ଦେଖି ହେଉଅଛି ହୃଦୟ ହାଣି

Source: FB Nanda, Digitized by PPRACHIN, SOA

ହୂରଦେଲ ବନ୍ଧୁ ପ୍ରଭୁପର ମୋର
ସୁଖାଦ୍ୟ ସୁପେୟ ଦଅନ୍ତି ଆଣି ;
ଅସିବଙ୍କ ବନ୍ଧୁ ଟଙ୍ଗତେ ମୋହର
ଦେଖି ତୁମ୍ଭର ଏ ସୌମ୍ୟ ମୂରତି
ଆଗ୍ରହେ ରଖିବେ ଖୁଆଇ ସୁଖାଦ୍ୟ
ମୋର ପ୍ରଭୁ ଏହି ରାଜ୍ୟ ନୃପତି" ।
ଶ୍ୱାନବାଣୀ ଶୁଣି ପ୍ରଶଂସଇ ଏଣୀ
"ଧନ୍ୟ ଧନ୍ୟ ବନ୍ଧୁ ତବ ପିରତି
କର ସଦୁପାୟ ଅହେ ପ୍ରିୟବର
ଲଭେ ମୁଁ ଏବନ୍ୟ କ୍ଳେଶୁଁ ମୁକତି ।
ମାନବ ସଂସାର ମୋତେ ଅଗୋଚର
ସଦା ରହୁଛତ ନର ସଙ୍ଗତେ
କହ ? କି ଖାଉଛ କିଭାବେ ଚଳୁଛ
କି କାର୍ଯ୍ୟ କରିବା ପ୍ରଭୁ ନିମନ୍ତେ ,"
ବୋଲେ ଶ୍ୱାନ, "ବନ୍ଧୁ ବଡ଼ସୁଖେ ମୋତେ
ରଖିଛନ୍ତି ଏହି ରାଜ୍ୟ ରାଜନ
ସ୍ୱହସ୍ତେ ନୃପତି ପ୍ରତିଦିନ ମୋତେ
ସ୍ୱଭୋଜନ ପାଇଁ ଦଅନ୍ତି ଅନ୍ନ ,
ସଦ୍ୟ ଦଧି ଦୁଗ୍ଧ ଖେଜୁଡ଼ି ପଳାନ୍ନ
ଖଜାକ୍ଷିରି ପିଠା ଖାଇ ଏମୁଖେ

Source: FB Nanda, Digitized by PPRACHIN, SOA

ହେଲଣି ଅରୁଚି, ଭବଦେଖ ସଖା
 କିପର ସଂସାରେ ଅଛୁମୁଁ ସୁଖେ ,
ରଜତର ସ୍ତମ୍ଭ ମର୍କତର ତଳ
 ସୁରମ୍ୟ ପ୍ରାସାଦେ କରେ ଶୟନ
ଏଭିକି ମୋ କାର୍ଯ୍ୟ-ପ୍ରଦର୍ଶୀ ସ୍ୱରୂପ
 ଥାଏ ରାଜଦ୍ୱାରେ ମୁଁ ଅନୁକ୍ଷଣ ";
ପଗୃରେ ହରଣ କହଇଲା ବନ୍ଧୁ
 " ଏକଚିହ୍ନ ତବ ଗ୍ରୀବା ଦେଶରେ " ?
ପ୍ରତ୍ୟୁତ୍ତରେ ଶ୍ୱାନ ଭଷିଲା ଏସନ
 "ପ୍ରଭୁମୋର ମୋତେ ଅତି ସ୍ନେହରେ
ସୁବର୍ଣ୍ଣ ଶିଙ୍କୁଳି ହାରରୂପେ ସ୍କନ୍ଧ
 ସିଂହଦ୍ୱାରେ ଏକ ମାଣିକ୍ୟସ୍ତମ୍ଭେ
ରଖିଥାନ୍ତି ବାନ୍ଧି , ମୋ ପ୍ରତାପେ କେହି
 ଡେଇଁ ନପାରନ୍ତି ଦ୍ୱାର ସଦମ୍ଭେ !
ବନ୍ଧନର ଚିହ୍ନ ରହିଛି ଗଳାରେ
 ଅନ୍ୟକିଛି ନୁହେ ହେବନ୍ଧୁବର ,
ନାମାନ୍ତର ତାର ସ୍ନେହର ନମୁନା
 ନିତ୍ୟ ପୂଜନୀୟ ମୋ ପ୍ରଭୁଙ୍କର ;
ପ୍ରାଣଅଛି ବନ୍ଧୁ ଆସ ମୋ ସଙ୍ଗତେ
 ନବଗୃର କରି ନିର୍ଭୟ ମନେ

Source: FB Nanda, Digitized by PPRACHIN, SOA

ଭେଟାଇବ ନେଇ ନୃପତି ସହିତ
ହେବ ମହାସୁଖୀ ଭବ-ଭବନେ" ।
ଚିରଦାସବୃତ୍ତି ଶ୍ୱାନର ଭାରତି
ସମସ୍ତ ଶ୍ରବଣ କରି କୁରଙ୍ଗ ,
ବୋଇଲା " ହେବନ୍ଧୁ, ଲୋଡ଼ାନାହିଁ ମୋର
ସେ ସୁଖ ସମ୍ପଦ ନୃପତି ସଙ୍ଗ ,
ଲୋଡ଼ା ନାହିଁ ମୋର ଦଧିଦୁଗ୍ଧସର
ଲୋଡା ନାହିଁ ସେହି ବଡିମା ସୁଖ
ଯେତେହେଁ ଖାଇଲେ ଯେତେ ଗୃହେଥିଲେ
ବନ୍ଧନ-ଦୁଃଖରୁ ଅଛିକି ଦୁଃଖ,
ଏହି ତୃଣାଙ୍କୁରସହ ସରିନୁହେ
ତୁମ୍ଭର ସେ ଦଧି ଦୁଗ୍ଧ ଭୋଜନ
ପ୍ରକୃତିସୃଜିତ ଏବନ ପର୍ବତ ,
ଏହା ଆଗେ ତୁଚ୍ଛ ରାଜସଦନ,
ଉନ୍ମୁକ୍ତ ପ୍ରାନ୍ତରେ ଉନ୍ମୁକ୍ତ ମାନସେ
ମୋ କର୍ତ୍ତବ୍ୟ ଅବାଧରେ ସାଧଇ
ନବ ତୃଣାଙ୍କୁର ସ୍ୱଚ୍ଛଝର ଜଳେ
ମୋ ସଂସାର ବଡ଼ ସୁଖେ ଚଳଇ ।
ତେବେ କିପାଁ ସଖା ! ବିକିବି ମୁ ବୃଥା
ପରପଦତଳେ ନିଜ ଜୀବନ

Source: FB Nanda, Digitized by PPRACHIN, SOA

ପରବଶସ୍ଥର ହୋଇ ନିରନ୍ତର
  ହରାଇବି କିପାଁ ନିଜସ୍ୱ-ଧନ ।
ପରର ଅଇଁଠା ପରର ଗୋଇଁଠା
  ଖାଇଦବା ନିଶି ବନ୍ଧନ କ୍ଲେଶ
ସହିବା ଅପେକ୍ଷା ରାଜସୌଧ ତୂଳେ ,
  ଶତ ଶ୍ରେୟ ଏହି ବନ ପ୍ରଦେଶ ।
ବନ୍ଧୁ କଥାବାର୍ତ୍ତା ହେବାରୁ ବନ୍ଧୁତା
  ବେନଙ୍କ ମଧ୍ୟରେ ହୋଇଛି ଜାତ
କି କହିବ ଆଉ ? ଏଭଳି କୁତ୍ସିତ
  ପରାମର୍ଶ ଦେବ ନାହିଁ ସଙ୍ଗାତ ” ।



Source: FB Nanda, Digitized by PPRACHIN, SOA

ଦୁର୍ଭିକ୍ଷ କାଳ ।

ସକଳେ କରନ୍ତୁ ନିନ୍ଦା ଦୁର୍ଭିକ୍ଷ କାଳକୁ
ସେ ନିନ୍ଦା ଲାଗେନା ଭଲ ଭାଇ ! ମୋ ମନକୁ,
ବଡ଼ ହିତକାରୀ ଅଟେ ଦୁର୍ଭିକ୍ଷ ସମୟ
ନବୁଝି କହନ୍ତି ତାକୁ ନିଷ୍ଠୁର ହୃଦୟ ;
କାନମୋଡ଼ି ଗୁରୁ ଯଥା ଶିଖାଏ ଶିଷ୍ୟକୁ
ତେସନ ଦୁର୍ଭିକ୍ଷ ଶିକ୍ଷା ଦେଉଛନ୍ତି ନରକୁ ।
ଅଭାବ-କୋରଡ଼ା ଘାତ କରି ପ୍ରଭଞ୍ଜନେ
ପ୍ରହାରେ ଯେ ମହାଶିକ୍ଷା ଏଥର ଭୁବନେ,
ସେ ଶିକ୍ଷା ପ୍ରଭାବେ ବଢ଼େ କେତେ ଅନୁଷ୍ଠାନ
କେତେ ଯେ ସାଧନା କେତେ ସୁଆଦର୍ଶ ମାନ
ହେଉଅଛି ଉଦ୍ଭାବିତ ଦେଖୁଛତ ଭାଇ !
ତେବେ କପାଁ ଦୁର୍ଭିକ୍ଷର ବୃଥା ନିନ୍ଦାଗାଇ ?
ଦୁଃଖ ଯୋଗୁଁ ସିନା ଭାଇ ସୁଖ ଅନୁଭୂତ
ଏଣୁ ଏ ଦୁର୍ଭିକ୍ଷେ ପ୍ରେଉଛନ୍ତି ବଣ୍ଧପତ୍ର ।
ନୁହଇ ହୃଦୟ ତାର କଠିନ କର୍କଶ
ନାରିକେଳ ଗର୍ଭସମ ସୁମିଷ୍ଟ ସରସ ।
ବାହ୍ୟରେ ଦେଖାଇ ମାତ୍ର ଘୋର ନିଷ୍ଠୁରତା ,
ବଳିସିର ବଳିସିତା ମୂଢ଼ର ମୂଢ଼ତା ।

Source: FB Nanda, Digitized by PPRACHIN, SOA

ଅଳସ-ଆଳସ୍ୟ ପୁଣି ବ୍ୟସନୀ · ବ୍ୟସନ
ନଶ୍ୱର-ନଶ୍ୱରତା ଭୋଗୀ ଭୋଗମନ
ଭାଙ୍ଗି ଦେଇ ଜଗତକୁ କରାଇ ଜାଗ୍ରତ
ସଂସାରର ଭବିଷ୍ୟତ କଲ୍ୟାଣ ସତତ
ସାଧୁଅଛି ବିଶ୍ୱହିତ ଦୁର୍ଭିକ୍ଷ ସମୟ
ନକର ତାହାକୁ ନିନ୍ଦା ମାନବ ନିଚୟ ।
ଦୁର୍ଭିକ୍ଷ ସମୟ ବିଶ୍ୱେ କର୍ମର ପ୍ରେରକ
ଅମଙ୍ଗଳ ନୁହେ ସେହୁ ମଙ୍ଗଳ ସାଧକ,
ଦୁର୍ଭିକ୍ଷର ପରିଣାମ-ସୁଭିକ୍ଷ ନିଶ୍ଚୟ
ଧୈର୍ଯ୍ୟଧର କର କର୍ମ ହୁଅନା ଅଥୟ ।

ନଦୀ ଓ ସିନ୍ଧୁ ।

ଭୂଧର ନନ୍ଦନୀ ସ୍ରୋତସ୍ୱତୀ ଧନୀ
"କହେ ମୋର ଜଳ ସଦା ସୁପେୟ
ସାଗର ସହିତ ହେବାରୁ ମିଳିତ
ହେଉଅଛି ତବେ ଅପେୟ ହେୟ";
ଅସୀମ ଅନନ୍ତ ଦିଗନ୍ତ ବିସ୍ତୃତ
ଭାଷଇ ସାଗର ବଦ୍ରୂପ ସ୍ୱରେ—
"ଡାକେ ନାହିଁ ମୁହିଁ ପୁଚ୍ଛେ ନାହିଁ ମୁହିଁ
ଅସିମିଶୁ କିପାଁ ମୋର ସଙ୍ଗରେ ?
ଏତେ ଅଭିମାନ ଅଛି ଯଦି ତୋର
କିପାଁଇ ପଦାକୁ ହେଉ ବାହାର
ନିଜ ଅନୁରୂପ ସଙ୍ଗୀ ସଙ୍ଗେ ମିଶି
କାଠେ ବସିଦରେ ନିଶି ବାସର ।
ସ୍ୱମାନ ମର୍ଯ୍ୟାଦା ରଖିବାକୁ ସଦା
ଏବିଶ୍ୱ ମଣ୍ଡଳେ ଯେହ୍ନୁ ଚେଷ୍ଟିତ
ଏଓଳି ସେଗଲ ଉଚ୍ଚାରଥି ଭଲ
ଭୁଲିବା ତା'ପକ୍ଷେ ନୁହେ ଉଚିତ" ।

—:※○※:—

ଉତ୍କଳ ଜନନୀ ।

(ବାବୁ ଗୋବିନ୍ଦଚନ୍ଦ୍ର ସୁରଦେଓଙ୍କ ଅଙ୍କିତ ଏବଂ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ଚିତ୍ରପଟ୍ଟ ଦର୍ଶନେ ।)

ଊର୍ଦ୍ଧ୍ୱେ ଅନନ୍ତ ଆକାଶ ନୀରଦବିମୁକ୍ତ
ନିମ୍ନ ଜନତାବିହୀନ, ଏ ବିଜନ ସ୍ଥଳେ
ସର୍ବ୍ବସୁଖପ୍ରଦାୟିନୀ ଜନନୀ ଉତ୍କଳ !
ଯୁଗ୍ମକରେ ଊର୍ଦ୍ଧ୍ୱମୁଖେ ନତଜାନୁ ହୋଇ
ବିଷାଦିତ ମନେ ମାତ ! କରୁ କି ଜଣାଣ
ବ୍ରହ୍ମପଦେ ପଦ୍ମମନ ନିବେଶି ହର୍ଷଲେ ?
ଫୁଲ୍ଲ ପଦ୍ମାନନ ତୋର କିପାଇଁ ମଳିନ ?
ଚରଣ ଚୁମ୍ବିତ ସେହି ସୁସ୍ନିଗ୍ଧ ଚିକୁର
ଛିନ୍ନଭିନ୍ନ ହୋଇ ଅହା ! ଚରମ ପ୍ରଦେଶେ
ଜଟାବାନ୍ଧି ପରିସରେ ଉଡ଼େ କିପାଁ ମାତ ! ?
ଅଙ୍ଗଲତା ମଲ୍ଲୀଲତା ସମାନ ବିଶୁଷ୍କା ,
କାହେ କହଗୋ ଜନନି, କେଉଁ ବ୍ରତେ ଅମ୍ବା
ବ୍ରତୀ ହୋଇ ପ୍ରାଣମନ ନିବିଷ୍ଟ ଧ୍ୟାନରେ
ଢାଳିଅଛୁ ବିଶ୍ୱକର୍ତ୍ତା ପଦେ, ବ୍ରହ୍ମଦର୍ଶୀ
ମୁନୀନ୍ଦ୍ର ସମାନ ? ମୁକ୍ତି ଅର୍ଥେ କି ଜନନି ?
ନା ନା ନୋହୁତୁ ମାନବୀ ଚିରମୁକ୍ତା ତୁହି,

କରନ୍ତୁ ତର୍କଣା ଅବା ତନୟଙ୍କ ହିତ
ମନାସି ମାନସେ, ସଦା ବାଣିଜ୍ୟ ପାଇଁକି
ସାଗରେ ସଚରିତ ହ୍ରଦ କରୁନ୍ତୁ ପ୍ରାର୍ଥନା,
କିନ୍ତୁ ସେ ଅଭାବ ମାତ ! ନାହିଁ ତ ତୋହର
ପାର୍ଶ୍ୱେ ରଙ୍ଗେ ବାରିନିଧି ଅକୂଳ ଅନନ୍ତ,
ବ୍ରାହ୍ମୀ ଚବୋପୂଳା ସ୍ୱଚ୍ଛ ବୈତରଣୀ ଆଦି
ଅସଂଖ୍ୟ ତଟିନୀ ତୋର ବକ୍ଷେ ବହମାନ
ସୁକଣ୍ଠ ଲମ୍ବିତ ସ୍ୱଚ୍ଛ ହୀରା ହାର ସମ ।
ତଥିମଧ୍ୟେ ସୁଶୋଭିତ ପଦକ ପରିଏ
ସୁରମ୍ୟ ଚିଲିକା, ତୋର ଅଙ୍ଗଶୋଭା ଅର୍ଥେ
ସୃଜିଛନ୍ତି ବିଧି ବହୁ ଭୂଧର, ପ୍ରପାତ,
ପ୍ରକୃତି ରାଣୀର ରମ୍ୟ କ୍ରୀଡ଼ା ନିକେତନ,
କପିଳାସ, ମାଲ୍ୟଗିରି, ବାରୁଆଁ, * ଚୂଳିଆ,
† ଖଣ୍ଡାଧାର, ମେଘାସନ, ପ୍ରଧାନ ପ୍ରପାତ
ସପ୍ତକୋଷିଗଣ୍ଡ ପୁଣି ମହେନ୍ଦ୍ର ଶିଖରୀ;
ତେବେ ମାତ ! କି ଅଭାବ ତାରଅଉ ମର୍ତ୍ତ୍ୟେ ?
ଓହୋ ! ହୋଇ ମୋର ଏବେ ଚୈତନ୍ୟ ଉଦୟ
ଜାଣିଲି ଜାଣିଲି ଯେଉଁ ବିଷୟେ ଜନନୀ !
ବିଷଣ୍ଣ ମାନସେ ଏହି ବିଜନ ପ୍ରଦେଶେ
ଜଣାଉଁ ବିଧାତା ପଦେ ନିସ୍ତଳେ ନିବେଦି

* ବାରୁଆଁ ତାଳଚେର ପର୍ବତ । † ଖଣ୍ଡାଧାର ବଣାଇଁ ପର୍ବତ ।

Source: FB Nanda, Digitized by PPRACHIN, SOA

ପଞ୍ଚେନ୍ଦ୍ରିୟ କ୍ରିୟାମାନ , ଅନ୍ତ ତୋର ସବୁ
ମାଏ ଅଯୋଗ୍ୟ ସନ୍ତାନ ଅମ୍ଭେ ସମସ୍ତ ଉତ୍କଳୀ
ଆମ୍ଭର ଦୋଷରେ ତୁହି ଦାଣ୍ଡଭିଖାରୁଣୀ !
ଆମ୍ଭର କାର୍ଯ୍ୟରେ ତୋର ସର୍ବ ଅବନତି ।
ରଖିନ୍ନୁ ଯାଇଛି ତୁହି ସମଗ୍ର ସାମଗ୍ରୀ
(କହୁ) ନେବସ୍ଥାନ ପ୍ରାଣୀପକ୍ଷେ ସମସ୍ତ ଅନ୍ଧାର ।
ଜଣାଅ ଜନନି ! ସେହି ବିଶ୍ୱପିତା ପାଶେ,
ଉତ୍କଳଙ୍କ ମନପ୍ରାଣ ଏକତା ଶୃଙ୍ଖଳେ
ହେଉ ବଦ୍ଧ , ବିଳାସିତା, ଆଳସ୍ୟ, ଔଦାସ୍ୟ,
ସଙ୍କୀର୍ଣ୍ଣତା, ଇର୍ଷାଆଦି ଘୃଣ୍ୟମସୀମୂର୍ତ୍ତ
ହୁଅନ୍ତୁ ସକଳେ, ସଦା ହୃଦୟ ଉଦ୍ୟାନେ
ବିଶ୍ୱପ୍ରୀତି ସାମ୍ୟ ମୈତ୍ରୀ ହୋଇ ପ୍ରସ୍ଫୁଟିତ
ଆମୋଦିତ କରୁ ଏହି ବିଶ୍ୱବାସୀ ଜନେ ।
ତେବେ ତୁ ଲଭିବୁ ପୂର୍ବ ସମ୍ମାନ ବିଭବ ;
ଧିକ୍ ଭ୍ରାତୃବର୍ଗ ! ଶତଧିକ୍ ! ଅମ୍ଭେମାନେ,
ବହୁ ପୁତ୍ରବତୀ ହୋଇ ଜନନୀ ଆମ୍ଭର
ବହେପୁଣି ଦୁଃଖଭାର ? ଅନ୍ୟଦ୍ୱାରା ଭବେ
ହୁଅଇ ଲାଞ୍ଛିତା ବଦ୍ୱେ ଅରକ୍ଷା ପରାଏ ?
ନୋହୁ କହେ ଅମ୍ଭେ ସେହି ମାନବ ସନ୍ତାନ
ସଂସାରେ ଲଭିଛୁ ଯେହ୍ନୁ ଉନ୍ନତ ଆସନ ?

Source: FB Nanda, Digitized by PPRACHIN, SOA

ନୋହୁଁ କି ହେ ଆମ୍ଭେ ସେହ ସ୍ଥପତ ଆତ୍ମଜ
କୋଣାର୍କ ଭୁବନେଶ୍ୱର ଯାହାଙ୍କ ମାହାତ୍ମ୍ୟ—
ପରିଚୟ ଦେଉଅଛି ଅଦ୍ୟାବଧି ବଟେ ?
ମାନବତ୍ୱ ନାହିଁ କିରେ ଆମ୍ଭର ଶରୀରେ ?
ନାହିଁକି ମାନବ ରକ୍ତ ଆମ୍ଭ ଧମନୀରେ ?,
ସନ୍ତାନ ସମ୍ମୁଖେ ମାତା ହେବ ହୀନମାନ
କଳଙ୍କ ସନ୍ତାନ ତାହା ରହିବ ନୀରବେ ?
ଧିକ ସେ ସନ୍ତାନେ ସଦା ; ଜଗତ-ମଣ୍ଡଳେ
ଈଦୃଶ ସନ୍ତାନବତୀ ଜନନୀର ପକ୍ଷେ
ନୁହେ କିରେ ଶତଶ୍ରେୟଃ ଚିରବନ୍ଧ୍ୟା ଦଶା ?
ଉଠ ଉଠ ଦେଶବାସୀ ଭ୍ରାତୃବର୍ଗ ସର୍ବେ
ଆଳସ୍ୟ ଔଦାସ୍ୟ ତେଜ ଏକପ୍ରାଣ ମନେ
ଜନନୀ ଦୁର୍ଦ୍ଦଶା-ନାଶା କରିବା ପ୍ରଭାତ
ଅବାଧ ଉଦ୍ୟୋଗ-ମନ୍ତ୍ରେ ସୁଶିକ୍ଷା-ଭାସ୍କର
ଜନନୀ ବିଶୁଷ୍କ ମୁଖ ହେବହେ ପ୍ରସନ୍ନ ।

Source: FB Nanda, Digitized by PPRACHIN, SOA

ଆମ୍ବୁଲଠାକରା ।

ଅମ୍ବୁଲଠାକରା, ତୋର ଗୁଣ ଅତୁଳନ
ତୋ କୃପାରେ ଭୁଲେ ଦୁଃଖୀ ତରୁଣ କଷଣ ,
ଦରିଦ୍ର-ବାନ୍ଧବ ତୁହି, ଦରିଦ୍ର ଆହାରେ
ପରମ ସହାୟ ହେଉ ତେଣୁ ଏ ସଂସାରେ,
ଥିଲେ ଲୁଣ ଭଲ କଥା ନ ଥିଲେ ଚଳଇ
ପଖାଳ ମୁଣ୍ଡାକ ପାନ ଅକ୍ଳେଶେ ଭୁଞ୍ଜଇ,
ମୁଟକେ ବାହାରେ ଯଥା ଘୋଷିଲେ ଚନ୍ଦନ
ତେସନ ଘୋରିଲେ ତୋତେ ଆସେ ଆସ୍ୱାଦନ,
କି ଆଶ୍ଚର୍ଯ୍ୟ ଶକ୍ତି ତୋର ଦେଖି ଦେଲେ ଥରେ
ନୀରସ ଜିହ୍ୱାରୁ ଝର ଝର ରସ ଝରେ ;
ସିର୍କା ସସ୍ ଜେଲ୍ ଖିଆ ନବ୍ୟ ମହଲରେ
ଯାଉ ପଛେ ମୋ ମର୍ଯ୍ୟାଦା ଥାଏ ମୁଁ ନିମ୍ନରେ ,
କରିବି ସତତ ଗାନ ତୋହର ପ୍ରଶଂସା
ପଖାଳିଆ ଓଡ଼ିଆର ଯେଣୁତୁ ଭରସା ;
ଦରିଦ୍ର ଓଡ଼ିଆ ଲୋକେ ନାହିଁରେ ବିସ୍କୁଟ
ପିଅଲାଭରି ଚା'ପୁଣି ନାନାବିଧ ଫ୍ରୁଟ ;
ଆମ୍ବୁଲଠାକରା ଖଣ୍ଡେ ପଖାଳ ମୁଠାଏ,
ଉଦରସ୍ଥ କରି ନିତ୍ୟ କର୍ମ୍ମ ଲାଗି ଯାଏ;
ତାହାମଧ୍ୟ ହତଭାଗ୍ୟ ଓଡ଼ିଆ ଭାଗ୍ୟରେ
ସୁଦୁର୍ଲ୍ଲଭ ହେଲାଭାଇ ଏଥି ସମ୍ବତ୍ସରେ । ✲

✲ ସନ ୧୯୧୯ ସ. ଦେଶବ୍ୟାପୀ ଦୁର୍ଭିକ୍ଷ ପ୍ରତିଲକ୍ଷ୍ୟ ।

Source: FB Nanda, Digitized by PPRACHIN, SOA

ସେ ସମ୍ପଦେ କିସ ପ୍ରୟୋଜନ ?

୧

ସିଂତଳ ପ୍ରାସାଦ ତୁଙ୍ଗ କୈଳାସ ତୁଳନା
ଫାଟିପଡେ ଗନ୍ତାଘର ଉଜ୍ଜ୍ୱଳ ରତନ
ଧନ ଧାନ୍ୟ ଅଗଣନ
ଦାସ ଦାସୀ ପରିପୂର୍ଣ୍ଣ
ସେ ଅତୁଳ ଐଶ୍ୱର୍ଯ୍ୟରେ କିବା ପ୍ରୟୋଜନ
ନାହିଁ ଯହିଁ ଦୀନହୀନ ବାଳକର ସ୍ଥାନ ।

୨

ପଢ଼ି ବି. ଏ. ଏମ୍. ଏ. ପୁଣି ହୁଅ ବାରିଷ୍ଟର
ସ୍ମୃତିଶାସ୍ତ୍ରବିଶାରଦ ନୈୟାୟିକବର ,
ନିଖିଳ ଶାସ୍ତ୍ରକୁ ପାନ
କଲେହେଁ ଅଗସ୍ତି ସମ
କିବା ପ୍ରୟୋଜନ ସେହି ବିଦ୍ୟା ସମ୍ପଦର
ଦେଶର ଦୁର୍ଗତି ଯଦି ନହେଲା ଅନ୍ତର ।

୩

ଶତକୋଟି ସିଂହବଳ ଧରିନିଜ ଅଙ୍ଗେ
ଶୋଇଥିବ କୁମ୍ଭକର୍ଣ୍ଣ ସମ ତଳ୍ପ ସଙ୍ଗେ
ଗୃହର ଉପରେ ଘର

Source: FB Nanda, Digitized by PPRACHIN, SOA

ପଡ଼ି ଯଦ୍ଦ ଖରତର
ନାଚିବେ ଉତ୍ସାହେ ଛତ ଫୁଲାଇ ସୁରଙ୍ଗେ
ସେବଳ ସମ୍ପଦ ବହ୍ନି ଟେକଉଁଫଳ ଅଙ୍ଗେ ?

୪

ଚକ୍ରବର୍ତ୍ତୀ କ୍ଷମତାରେ ଥିବ ବିଭୂଷିତ
ସହସ୍ର କଣ୍ଠେ ପଦ୍ମ କର ସୁଦୀପିତ
ଲଭି ସ୍ୱାଧୀନତା ମଣି
ଅତ୍ୟାଗ୍ରହ ଶ୍ଲାଘ୍ୟ ମଣି ।
ଅନଶ୍ୱର ରମଣୀ-ଧନେ ହେଲେ ଲାଳସ୍ଥିତ
କାଫଳ ସେ କ୍ଷମତାର ବର୍ବ୍ବର ଉଚିତ ।

୫

ପରମ ନୈଷ୍ଠିକ ଶୌରୀ ମାନ୍ତ୍ରୀକ ବ୍ରାହ୍ମଣ
ଟିକା ପଇତା ଜଡ଼ିତ ପିଣ୍ଡ କଷାୟନ
ହେଲେ ଧର୍ମ୍ମ ଉପାର୍ଜ୍ଜକ
ହୋଇ ସଦା ନୟାମକ
ଯେ ଧର୍ମ୍ମ ସମ୍ପଦେ କିବା ଅଛି ପ୍ରୟୋଜନ
ବିଧାତା ଅଦେଶ ହେଳେ ନକଲେ ପାଳନ ।

୬

ଲେଙ୍ଗୁଟି ଚଢ଼ାଇ ଅଙ୍ଗେ ବୋଳି କ୍ଷାରରାଶି
ବନ୍ଧୁଜଟା ମାଳା ଜପି ହେଲେରେ ସନ୍ୟାସୀ

Source: FB Nanda, Digitized by PPRACHIN, SOA

ନିଷ୍ଫଳ ସେ ବ୍ରତ-ଧନେ
ସଂସାର ନଦେଉକ ଯତନେ
ଜଟିଳ କପଟ ମୋହ ମାୟାଜାଲେ ଭରି
ନାନା କୁସଂସ୍କାରେ ଯଦି ଥାଏରେ ବନ୍ଧାସୀ ।

୭

ମଦନ ସୁନ୍ଦର ଯୁବା ଅଛି ସୁକୁମାର
ସତ୍‌କୁଳସମ୍ଭୂତ କାନ୍ତି ଚମ୍ପକପ୍ରକାର
ଗୋଲାପ ରଞ୍ଜିତ ଗଣ୍ଡ
ବାହୁ ଯେସନେ ହସ୍ତୀଶୁଣ୍ଢ
ସେ ରୂପ-ସମ୍ପଦେ ତୁଷ୍ଟ ନୁହେରେ ସଂସାର
ଗନ୍ଧହୀନ ପଳାଶକୁ କେ'କରେ ଆଦର ?

୮

ଶବ୍ଦ ପାଟବ ପୂରିତ ବିଶେଷଣାଳୟ
ଅନୁପ୍ରାସ ଶ୍ଳେଷୋପମା ଅଳଂକାର ମୟ
ଦସ୍ତୁର ତାଡ଼ାର ସମ
କାବ୍ୟେ କିବା ପ୍ରୟୋଜନ
ଯହିଁ ନାହିଁ ସତ୍ୟଶିବ ନିତ୍ୟଭାବ ଚୟ
ନାହିଁ ଯହିଁ ସ୍ୱଦେଶର ଜ୍ଞାନ · ବୀଜ-ଚୟ ।

୯

ନଥିବ ନିଜର ପ୍ରଜ୍ଞା ମସ୍ତିଷ୍କ ସୃଜନ

Source: FB Nanda, Digitized by PPRACHIN, SOA

ଚୌର୍ଯ୍ୟବଳେ ପରଠାରୁ କର ସଙ୍କଳନ
ଆପଣା ନାମେ ଅଶେଷ
କର ରେ ଗ୍ରନ୍ଥ ପ୍ରକାଶ
ଦେଖାଇଲେ ଜାତିମଧ୍ୟେ ନିଜ କବିପଣ
ସେ କବିତ୍ୱ ସମ୍ପାଦରେ କାଏ ପ୍ରୟୋଜନ ?

୧୦

ପତ୍ରିକାଟି ବାହାରିବ ଚକ୍କଣ ଚିକ୍କଣ
ସୁନ୍ଦର କାଗଜ ପୁଣି ଛପା ଅତୁଳନ
ଦେଶର ପ୍ରକୃତ କଥା
ନଥିଲରେ କେବେ ତଥା
ନକଲେ ଜାତୀୟ ସତ୍ୟ କେବେ ଉଦ୍ଘାଟନ
ସେ ପତ୍ରିକା ସମ୍ପାଦର କିବା ପ୍ରୟୋଜନ ?

୧୧

ସମ୍ପାଦକବାବୁ ଥିବେ ଉଚ୍ଚ ପଦଧାରୀ
ଦେଶ ସମାଜର କାର୍ଯ୍ୟେ ହେଲେ ବ୍ରହ୍ମଚାରୀ
ନଥିବ ଲେଖନୀ ବଳ
ସତତ ବାକ୍ୟେ ଦୁର୍ବଳ
ସ୍ତୁତିସ୍ତବେ କାଗଜଟି ଦେଲେ ପୂର୍ଣ୍ଣକରି
ସେହିଁ ସମ୍ପାଦକ ଅଜଗଳ ସ୍ତନସରି ।

Source: FB Nanda, Digitized by PPRACHIN, SOA

ନିଜେଥିବ ଅପଦାର୍ଥ ଜ୍ଞାନ ବିରହିତ
ଶାସ୍ତ୍ରଗୁରୁସନ୍ଥ ସଦା ବଣ୍ଡେ ଅଚର୍ଚ୍ଚିତ
ମହାତ୍ମାଙ୍କ କାର୍ଯ୍ୟମାନ
କଲେରେ ବସି ଖଣ୍ଡନ
ସେ ସାଧନା-ସମ୍ପଦର ମୂଲ୍ୟ ବିବର୍ଜିତ
ଚାଲୁଣିକି ସୂକ୍ଷ୍ମରନ୍ଧ୍ର ଦେଖିବା ଉଚିତ ?

୧୩

ନିଜର ଅର୍ଜିତ ପୁଣି ପୈତୃକ ସମ୍ପତ୍ତି
ବିକାଇଲି ଅରଜିବ ଯଦ୍ୟପି କୀରତ
ନଥିବ ସ୍ଥାୟୀତ୍ୱ କିଛି
ସକଳେ କରିବେ ତୁଚ୍ଛ
କିସ ପ୍ରୟୋଜନ ସେହୁ କୀରତ ସମ୍ପତ୍ତି
ନାମାନ୍ତର ନୂତ୍ୱେକି ସେ ନିଜର ଅଖ୍ୟାତି ?

୧୪

ଶିରୀଷକୋମଳଅଙ୍ଗୀ ବିଦ୍ୟୁତବରଣା
ଚମ୍ପକଅଙ୍ଗୁଳି ପଦ୍ମପଲାଶଲୋଚନା
ସଦାପତିସେବାରତା
ପରିଜନଅନୁରକ୍ତା
ରମଣୀ ରତନ ଯଦି ସତୀତ୍ୱବିହୀନା
କିସ ପ୍ରୟୋଜନ ତାହା ମହା ବିଡ଼ମ୍ବନା ।

Source: FB Nanda, Digitized by PPRACHIN, SOA

୧୫

ଅତୁଳ ବିଭବଶାଳୀ ପାଶ୍ଚାତ୍ୟଖଣ୍ଡର
ପତିଧନେ ରମଣୀର କିଅଛି କରେ ଯାର
ବାଣିଜ୍ୟମୂଳ ଯଦି ପତି
ନଦେଖାଏ ପତ୍ନୀ ପ୍ରତି
କେବଳ ନାରୀକୁ ମଣି ଦାସୀର ପ୍ରକାର
ନିଜର ପ୍ରାଧାନ୍ୟ ଯଦି ଚଳାଏ ସଂସାର ।

୧୬

ସ୍ତ୍ରୀଶିକ୍ଷା ଉତ୍କୃଷ୍ଟ ବଟେ ସ୍ୱୀକାର୍ଯ୍ୟ ସକଳେ
ଶିକ୍ଷାହୀନା ନାରୀ ସତ୍ୟ ଘୃଣ୍ୟା ଭୂମଣ୍ଡଳେ
କିନ୍ତୁ ପାପ୍ କରି ନାରୀ
କୁଳଶୀଳ ଲଙ୍ଘି କରି
କଲେରେ କୁକାର୍ଯ୍ୟ ନାନା କାଳଦେଇ କୁଳେ
କିଫଳ ସେ ଶିକ୍ଷା ନାହିଁ ଶୁଦ୍ଧତା ଯା' ମୂଳେ ।

୧୭

ଗଣ୍ଡା ଗଣ୍ଡା ସରପତି ପୁଣି ଡେକେଟରୀ
ସବୁକାରୀ ଅଦଯୋଗେ ଥିବ ଘଡାପୂରି
ଅସଂଖ୍ୟ ପ୍ରସ୍ତାବମାନ
ବଳତହୁଁ ସମର୍ଥନ
ହେଲେ ସେ ସଭା ସମ୍ପଦେ କିଅଛି ମାଧୁରି

Source: FB Nanda, Digitized by PPRACHIN, SOA

ଅଦୂର ଦରଶୀ ସବେ୍ୟଥିଲେ ସଭପୂର ।

୧୮

ଦେଶଭକ୍ତ ସଂସ୍କାରକ ରୂପେ ବାହାରିବେ
ହେବ ପରିଚିତ ଲେଖି ସମ୍ବାଦ ପତ୍ରରେ
ଗୁହେବନ୍ତୁ କୁସଂସ୍କାର
ଖେଳୁଥିବ ନିରନ୍ତର
ପାହୁଲେ ନକଲେ ବ୍ୟୟ ଦେଶର କାର୍ଯ୍ୟରେ
ସେ ଲାଳସା ଲୋକହସା ଅଟଇ ଲୋକରେ ।

୧୯

ସର୍ବଦା ଉନ୍ନତ ପନ୍ଥା ଜାତୀୟ ଏକତା
ଲୋଡୁଥିବ ଭିନ୍ନଦେଶେ ହୋଇଣ ବକତା
ଭାଷାଭେଦ ଜାତିଭେଦ—
ନ ଘଟି କଲେ ସମ୍ପଦ
ସେ ଅଭ୍ୟାସ ସମ୍ପଦରେ ନାହିଁ ପାରବତ୍ତା
କି ଫଳ ସେ କର୍ମହୀନ ପୁଣ୍ଡରକ ଚତା ।

୨୦

ଅବିରଳ ବିଦ୍ୟାଳୟ ଥିବରେ ପୂରିତ
ବହୁତ ଶିକ୍ଷକେ ଉଚ୍ଚଉପାଧିଭୂଷିତ
ଅକର୍ମା ଶିକ୍ଷକଦଳ
ଆଳସେ୍ୟ କାଟିଲେ କାଳ

Source: FB Nanda, Digitized by PPRACHIN, SOA

କର୍ତ୍ତବ୍ୟ ବିସୋରି ଯୁପିଗଲେ ହେଲେମତ୍ତ
ସେ ଶିକ୍ଷକ-ସମ୍ପଦର କି ଅଛି ମହତ୍ତ୍ୱ ।

୨୧

ସନ୍ତାନ ସୁଶିକ୍ଷା ପାଇଁ ସ୍କୁଲରେ ଗୃହରେ
ହାଟରେ ବଜାରେ ପଥେ ଭ୍ରମିବା କାଳରେ
ଲୋଡ଼ବ ଶିକ୍ଷକ ଖଞ୍ଜା
ବି,ଏ. ବି, ଟି, ପୁଞ୍ଜା ପୁଞ୍ଜା
ଶିକ୍ଷାର୍ଥୀର ମନ ଥିଲେ ପ୍ରମୋଦଗୃହରେ
ବୃଥା ସିନା ସେହି ଆଶା--ସମ୍ପଦ ତା'ଠାରେ ।

୨୨

ଅମୃତ ସମାନ ବାକ୍ୟ ଭାଷି ନିରନ୍ତର
ସଦା ହିତାକାଂକ୍ଷୀସମ କରି ବ୍ୟବହାର
ଦେଖାଇଲେ ବନ୍ଧୁପ୍ରୀତି
ଯୋଷିହୃଦେ କୂଟନୀତି
ସେ ବନ୍ଧୁତ୍ୱ-ଧନ କେବେ ଲୋଡ଼େ ନାହିଁ ଯାର
ସୁଧାମୁଗ୍ଧବକ୍ଷାଣ୍ଡେ ଲୋଡ଼ାକି କାହାର ?

୨୩

ଅସଂଖ୍ୟ ସଲମେ ଯଦି କେହି ଅନୁକ୍ଷଣ
ପ୍ରକାଶି ବିନୟ କରେ ବାହ୍ୟକ ସମ୍ମାନ
ଦେଖାଏ ଅସୀମ ଭକ୍ତି

Source: FB Nanda, Digitized by PPRACHIN, SOA

ଯହିଁ ନାହିଁ ସତ୍ୟପ୍ରୀତି
ସେ ଭକ୍ତି-ସମ୍ପଦେ କସ ଅଛି ପ୍ରୟୋଜନ ?
ଅନ୍ଧଭକ୍ତି ନୁହେ କି ହେ ଗୌରବର ଲକ୍ଷଣ !

୨୪

ନାହିଁ ଯହିଁ ସରଳତା ସତ୍ୟ ଉଦାରତା
ନାହିଁ ଯହିଁ ଦିବ୍ୟଶୋଭା ଅବିନଶ୍ୱରତା
ନୁହେଁ ଯା' ଅମୃତମୟ
ସତତ କଳୁଷମୟ
ସେ ପ୍ରେମ-ସମ୍ପଦେ ଧରା ସତତ ଦୁଃଖିତା
ତହିଁ ପନ୍ତ ଲଭେ ନର ତୁଚ୍ଛ ବିଳାସିତା ।

୨୫

ସଦା ଯାହା ବାସନା ସ୍ନେହର ବଚନ
ଅତି ବାତ୍ସଲ୍ୟରେ ଚୁମ୍ବଦେଇ ଅଗଣନ
ଦେଖାଇବ ସ୍ନେହଭାବ
ଥିଲେତହିଁ କୂଟଭାବ
ଲୌହଭୀମେ ଧୃତରାଷ୍ଟ୍ର-ବାତ୍ସଲ୍ୟ ଯେସନ
ସେ ସ୍ନେହ-ସମ୍ପଦେ କସ ଅବା ପ୍ରୟୋଜନ ?

୨୬

ସେରୁ ଅନ୍ୟ ଦିଗୁଁ ସଦା ଭାଷିବ ବଚନ
ଦିଗ୍‌ବଳୟବ୍ୟାପୀ ସିନ୍ଧୁ ତରଙ୍ଗ ଗର୍ଜନ

Source: FB Nanda, Digitized by PPRACHIN, SOA

ଦେଶଶ୍ରେଷ୍ଠ ବକ୍ତାନାମେ
ଚିହ୍ନାହେଲେ ଇହଧାମେ
କି ଫଳ ସେ ବାକ୍ୟ-ଧନେ ? ସବୁ ଅକାରଣ
କାର୍ଯ୍ୟହୀନ ବାକ୍ୟ କେହି କରେନାଁ ଶ୍ରବଣ ।

୨୭

ନିଖିଳ ଅରଣ୍ୟ କଲେ କୁଠାରେ ଛେଦନ
ନିଖିଳ ଧରାକୁ କଲେ ଲଙ୍ଗଳେ କର୍ଷଣ
ଆଚରି ସତତ ଶ୍ରମ
ଧନବୃଦ୍ଧି ଗୋରୁସମ ,
ଚତୁଷ୍ପଦୋଚିତ ବୃଥା ସେହି ଶ୍ରମ-ଧନ
ଯହିଁ ନାହିଁ ଲବମାତ୍ର ବିବେକ ମିଳନ

୨୮

ସଂସାରକୁ ସରା ସମ ମଣି ଅବିରତ
ନିଜକୁ ଭାବଣ ବିଶ୍ୱ ବ୍ରହ୍ମାଣ୍ଡେ ଉନ୍ନତ
ନକହି ଅନ୍ୟକୁ କଥା
ମାନ ବହିଲେ ସର୍ବଥା
କି ଫଳ ସେ ମାନ ବହି ସଜ୍ଜନ-ଘୃଣିତ
ମାନବହି ଦୁର୍ଯ୍ୟୋଧନ ସବଂଶେ ପତିତ ।

୨୯

ମହାଶାନ୍ତିଶିଷ୍ଟଭାବେ କହି ସଦାକଥା ,

ସେ ସମ୍ବନ୍ଧେ କିସ ପ୍ରୟୋଜନ ।

ଗମ୍ଭୀରେ ମଧୁରେ ପୁଣି ନୁଆଁଇଣ ମଥା
ସାଧୁତାର ଅଭିନୟ
ଦେଖାଇଲେ ଭଣ୍ଡମୟ
ସେ ସାଧୁତା-ସମ୍ପଦରେ କି ଅଛିରେ ସତ୍ତା ?
କାପଟ୍ୟ ଲମ୍ପଟ୍ୟ ଯହିଁ ବସିଛି ସର୍ବଥା ।

୩୦

ସଦା ହୋଇ ମୁକ୍ତହସ୍ତ ଲୋଭବିରହିତ
କରୁଥିବ ଦିବାନିଶି ଦାନ ଅଗଣିତ
କିଫଳ ସେ ଦାନ-ଧନେ
ଧାନ ନପାଇଲେ ପଣେ
ଧନବନ୍ତେ ଧନ ଦେବା ବିଧି ବିଗର୍ହିତ
ତେଲିଆ ମୁଣ୍ଡରେ ତେଲ ଦେବା କି ଉଚିତ ?

୩୧

ଗୋଡିର ଅଞ୍ଚଳ ଯାଏ ପକାଇ ଓଢଣା
ଚକ୍ଷୁ ଥାଉଁ ହେଲେ ନାରୀ ବିନଷ୍ଟନୟନା ।
ଲଜ୍ଜାରେ ନକହି କଥା
ଛଟଲରେ " ରୁରୁ " ସର୍ବଥା
କୃତ୍ରିମ ଲଜ୍ଜାର ଏହା ମହାବିଡ଼ମ୍ବନା
ଆଉ ଅନଫଳ ଘୋର ଦୁର୍ଗତି ସାଧନା ।

Source: FB Nanda, Digitized by PPRACHIN, SOA

ବ୍ୟଭିଚାର ଅତ୍ୟାଚାର ପରସ୍ୱଲୁଣ୍ଠନ
ମଦ୍ୟପାନ ଦ୍ୱେଷାନ୍ଧ'ନ ଅନୃତ ଭାଷଣ
ପ୍ରବୃତ୍ତ ଅସଂଖ୍ୟ ପାପ
କରି କଲେ ନାମଜପ
ସେ ନାମ-ସନ୍ଧାନେ କିବା ଅଛି ପ୍ରୟୋଜନ ?
ବିଗ୍ରୀଡ଼ବୈଷ୍ଣବଗୀତ ସେ ଗୀତ ସମାନ ।

୩୩

କଦଳୀ ନଡ଼ିଆ ଛେନା ନୈବେଦ୍ୟ ସମ୍ଭାରେ
ଧୂପ, ଦୀପ, ଚନ୍ଦନ, ପୁଷ୍ପେ, ରଙ୍ଗିଣ ବାସରେ
କଲେ ଦେବ ଉପାସନା
କରି ମାମୁଲି ଗଣନା
କେବଳ କଣ୍ଠସ୍ଥ ମନ୍ତ୍ର ଉଚ୍ଚାରଣ ଛଳରେ
ବୃଥା ସେ ପୂଜନ ଭକ୍ତି ନଥିଲେ ମନରେ ।

୩୪

ବନ୍ଧୁ ପରଜନ ପୂର୍ଣ୍ଣ କରିଥିବ ଘର
କୌରବ ପାଣ୍ଡବେ ଥିଲେ ଯେମନ ପ୍ରକାର
ପରସ୍ପର ରୂଷ୍ଟ ଚିତ୍ତ
ବ୍ୟବହାର ଗତ ରୀତ
ସମାନ ନହେଲେ ତାହା ଅନର୍ଥ ଆକର
ଇଦୃଶ କୁଟୁମ୍ବ-ଧନେ ଅଶାନ୍ତି ସାର ।

Source: FB Nanda, Digitized by PPRACHIN, SOA

ମାସିକ ଶୋଷକ ଗଣି ଅସଂଖ୍ୟ ଟଙ୍କାର
ପୋଷିବ କ୍ରମଶଃ କର କ୍ଷୟ ସ୍ୱଭଣ୍ଡାର
ଅବାଧ କରମ ମାନ
ସାଧିଲେ ଟଙ୍କରଗଣ
କିମ୍ବା ସ୍ୱାମୀ ନଜାଣିଲେ ବସ୍ତାଦ କାର୍ଯ୍ୟର
ବୃଥା ସେ ଦାସ-ସମ୍ପଦ ଅପବ୍ୟୟ ସାର ।

୩୬

ଲଙ୍କାରୁ ନେପାଳ ଯାଏ କନ୍ଥୁ ବ୍ୟବସାୟ
ବଢ଼ାଇ ନନେଲେ ତତ୍ତ୍ୱ ବୃଥା ସେ ଆଶୟ
ନାମେ ମହା ବ୍ୟବସାୟୀ ,
ଘରେ କେଣେ ଅନ୍ନ ନାହିଁ ,
ଏବ୍ୟବସ୍ଥା-ଧନେ ଘୋର ଦାରିଦ୍ର୍ୟର ଭୟ
ସଙ୍ଗେ ସଙ୍ଗେ ଅଛି ସଦା ଏକଥା ନିଶ୍ଚୟ ।

୩୭

ସଉଖୀନ ପ୍ରିୟ ହୋଇ ଜଗତେ ମାନବ
ଋଣ ଅଣି ତୋଳି କୋଠା କିଣି ଅସବାବ
ସଦାଧର ଚେନ ଘଡ଼ି
ହେଲେ ବାବୁ ଗାନ୍ଧୀଚଟି
ସେ ସଉଖ-ସମ୍ପଦରେ କି ଅଛିରେ ଭାବ ?
ସାହୁର ପିଅଦା ଘରେ କରୁଥିଲେ ରାବ ।

Source: FB Nanda, Digitized by PPRACHIN, SOA

ଥିବ ମହାବୁଦ୍ଧିମାନ ଶୁକ୍ରଙ୍କ ସମାନ
କରି ସଦା ନାନାତର୍କେ ମସ୍ତିଷ୍କ ଚାଳନ
　　ହେଲେ ପ୍ରତ୍ୟୁତ୍ପନ୍ନ ମତି
　　ଚାତୁର୍ଯ୍ୟେ ଜିଣି ଧରତୀ
ସେବୁଦ୍ଧି-ସମ୍ପଦେ କିସ ଅଛି ପ୍ରୟୋଜନ ?
ଚୌର୍ଯ୍ୟେ ତାହା ବ୍ୟୟିକଲେ ସବୁ ଅକାରଣ ।

୩୯

ମସ୍ତିଷ୍କେ ଅଗାଧ ଜ୍ଞାନ ରଖିଥିବ ଭରି
ଘୋଷି ଦବା ନିଶି ସଦା ଭେକ ଶୋଷମାରି
　　ବହିଲେ ପଣ୍ଡିତ ନାମ
　　ବାକ୍ୟେ ଭଣ୍ଡି ଅବିରାମ,
ବୃଥା ସେ ଜ୍ଞାନ-ସମ୍ପଦ ମସ୍ତିଷ୍କର ଭରି
ବିକାଶ ଯଦ୍ୟପି କେବେ ନହେଲା ତାହାର ।

୪୦

ଜନନୀ ଜନକେ କରି ଘୋର ଅନାଦର
କରିବ ସ୍ଥବିର କାଳେ ଗୃହରୁ ବାହାର
　　ନଦେଇ ଟେଁ ଅନ୍ନଜଳ
　　ଗାଳିଦେବ ଅବିରଳ
ମରଣାନ୍ତେ କଲେ ଶୁଦ୍ଧିଶ୍ରାଦ୍ଧ ଆଡମ୍ବର
କିଫଳ ସେ ବୃଥା ଶୁଦ୍ଧିଶ୍ରାଦ୍ଧ-ସମ୍ପଦର ?

Source: FB Nanda, Digitized by PPRACHIN, SOA

ଥିବ ମହାଉପଦେଷ୍ଟା ଜନ ସମାଜରେ
ବାନ୍ଧୁଥିବ ପରଦୋଷ ବର୍ଷି ନିରନ୍ତରେ
ପରଚ୍ଛିଦ୍ର ପରନିନ୍ଦା
କଲେରେ ଜୀବନ-ଫନ୍ଦା
ବୃଥାଯିବ ସେ ଆୟାସ-ସମ୍ପଦ ବଣରେ
ନିଖିଳ ଘୂର୍ଣ୍ଣ ଯଦ୍ୱ ଅସ୍ତ୍ର ସ୍ୱ ପେଟରେ ।

୪୨

ଲୋକ ମୁଖଁ ଶୁଣୁଥିବ ନିଜ ସ୍ତୁତିସ୍ତବ
ସକଳେ ଦେଖାଉଥିବେ ଭକତି ଗୌରବ
ବାଧ୍ୟତା ମୂଳକ ତାହା
ହେଲେ ତହିଁ ନାହିଁ ଲାହା
ଧନମାନ ଭକ୍ତିରେ ବା କିସ ଅଛି ଲାଭ ?
ଶ୍ରେୟଃ ବଟେ ସ୍ୱତଃ ଜାତ ଭକତି ଗୌରବ !

୪୩

ଗୃହର ମୁରବି ହୋଇ ଥିବ ସଦା ବସି
ଆତ୍ମସୁଖେ ଦିନ ନେବ ନିତ୍ୟ ହସି ହସି
ପରିଜନଙ୍କର ସୁଖ
ପ୍ରତି ହେଲେରେ ବିମୁଖ
ଧିକ୍ ସେ ମୁରବି ପଣ କୁଟୁମ୍ବର ମସି
ଏଭଳି ମୁରବି ଘରେ ହୋଇ ଅବିଶ୍ୱାସୀ ।

Source: FB Nanda, Digitized by PPRACHIN, SOA

ନିଜଇଚ୍ଛା ମତେ ନେବ ଭୃତ୍ୟଠାରୁ କାମ
ସେକେଣ୍ଡ ମିନିଟଠାରୁ ଗଣି ଅବିରାମ
ସାମାନ୍ୟ ତ୍ରୁଟିରେ ସଜା
ଝିକିକରେ ହୋଇ ତେଜା
ଏତେ ଯତ୍ନ କାମ ସମ ନମିଳିଲେ ଦାମ
ଏଭଳି ପ୍ରଭୁଙ୍କ ସେବା ବିନା ପଣ୍ଡଶ୍ରମ !

୪୬

ଦାଣ୍ଡ ଦରୱାଜାକୁ ଗଲେ ଦେଉଥିବ ମାର
ଯେଉଁ ଗୃହିଥିବ ବାଟ ମାଡ଼ଦେବ ଘର
ଜାଠି, କୁଠା, ଛିଣ୍ଡାକନା ,
କନ୍ଥା ଜୀର୍ଣ୍ଣ ହାଣ୍ଡି, ଦନା,
କୋଷ୍ଠବଦ୍ଧ ଯୋଗୁଁ ଦେହ ଥିଲେ କାନ୍ଧୁଭର
ସେ ବାହ୍ୟେନ୍ଦ୍ର ଶୁଚି-ଧନେ କଅଣ୍ଟୁରେ ଢୋର ।

୪୭

କୌମାର ବ୍ରତରେ ବନ୍ଧେ ହୋଇବ ଦୀକ୍ଷିତ
ନହୋଇ ଜୀବନେ କେବେ ପତ୍ନୀପରିଣୀତ
କାଳୁ ଯଦି ଅନ୍ତରାଳେ
ମାତବ ବାଟପା ମେଳେ
ସେ କୌମାର-ସମ୍ପଦର କଅଛୁ ମହତ୍ତ୍ୱ ?
ତହୁଁ ବଳି ଶତଶ୍ରେୟଃ ବିବାହ କାର୍ଯ୍ୟତ ।

Source: FB Nanda, Digitized by PPRACHIN, SOA

ଅଶେଷ ପ୍ରକାର ବିଧି କରି ପ୍ରଚଳନ
ଅଧୀନସ୍ଥେ ଦେବ ଦଣ୍ଡ କଲେ ତା' ଲଙ୍ଘନ
ବିଶ୍ୱବିଗର୍ହିତ କର୍ମ
ନିଜେ କଲେ ଅନୁକ୍ଷଣ
ସେ ବିଧାନ ପ୍ରଚଳନେ କିସ ପ୍ରୟୋଜନ ?
ନିଜସୃଷ୍ଟ ନୀତି ନିଜେ ନକଲେ ପାଳନ ।

୪୮

ବ୍ୟକ୍ତିକର 'ବହୁମୁଦ୍ରା' ସୁନାମ କାରଣେ
କରିବ ଅନେକ କାର୍ଯ୍ୟ ପ୍ରଗାଢ଼ ଯତନେ
ସାଧାରଣ ପ୍ରୟୋଜନ
ନହେଲେ ସେ କାର୍ଯ୍ୟମାନ
ବୃଥାସିନା ବ୍ୟକ୍ତିସାର ସେହି କାର୍ଯ୍ୟ–ଧନେ
କିଫଳ ଶିଖରୀ ଶିରେ ସୁକୂପ ଖନନେ ।

୪୯

ପୂର୍ଣ୍ଣ ଯଉବନେ ଅଙ୍ଗ ଥିବ ଅଭିତୋରା
ସଦା ହୃଷ୍ଟପୁଷ୍ଟ ବନ୍ୟ ଗୟଳର ପରି
ଉଚ୍ଚସ୍କନ୍ଧ ଦୀର୍ଘପୃଷ୍ଠ
ଗଲେ ସଂସାରରୁ କଷ୍ଟ
ସେ ଅଙ୍ଗ-ସମ୍ପଦ ହବେ ଜୀବନର ତରି
ପରର ପ୍ରତ୍ୟାଶୀ ହୋଇ ଧରିଲେ ରେ ସରି ।

୫୦

ପଟମେଡରେ କେଶ ରାଜି କରି ସୁକୋମଳ
ହେନା ଖସ ଖସ ଅଙ୍ଗେବୋଳି ଅବିରଳ
ମଖମଲ କୋଟ ଶାର୍ଟ

Source: FB Nanda, Digitized by PPRACHIN, SOA

ପିନ୍ଧି ଗୃହଲେରେ ବାଟ
ସେ ଫେଶନ-ସମ୍ପଦରେ କି ଅଛିବା ଫଳ ?
ଘରର ମାଇପେ ନପାଇଲେ ଜଡ଼ାଚେଲ ।

୪୧

ପର ଘୋଡ଼ାଗାଡ଼ୀ ଚଢ଼ି ସଦା ଫୁଲପଣ
ଦେଖାଇବ ପିନ୍ଧି ପର ବସନ ଭୂଷଣ
ଅଇଣ୍ଠା ଗୋଇଠା ଖାଇ
ଧାଁନତା ହୀନତା ସହି
ବାହାରରେ ସାଡ଼ମ୍ବରେ କଲେରେ ଭ୍ରମଣ
ସେ ବଡ଼ିମା-ସମ୍ପଦରେ କିସ ପ୍ରୟୋଜନ । ?

୪୨

ବିସ୍ତାର ପ୍ରଭୁତ୍ୱ ସଦା ଅଧୀନସ୍ଥପାରେ
ଶୋଇଥିବ ନିଜଘରେ ସୁପାଢ଼ ଶଯ୍ୟାରେ
ଖଟୁଥିବ ଦିବାନିଶି
ଅଧୀନସ୍ଥ, କାର୍ଯ୍ୟେବଶି
ସପକ୍ଷେ ଯଦ୍ୟପି ଦିନେ ସାହୁକାର ଦ୍ୱାରେ
ନଫିଟିଲା ମୁଖଁକଥା ଧିକ ସେ ପ୍ରଭୁରେ ।

୪୩

ବାଧକର ପୋଷାସ୍ଥାନ ପାଲଟ ଦ୍ୱରଣ
ଦମନ କରଣ ନିଜ ଭୃତ୍ୟ ପ୍ରତିଦ୍ଦନ
ପ୍ରକାଶି ସାରତ୍ୱ ବଳ
ବିସ୍ମିତ କଲେ ସ୍ତ୍ରୀଦଳ
ଦ୍ୱାପରେ ବିରାଟ ସୁତ ଉତ୍ତର ତୁଳନ

Source: FB Nanda, Digitized by PPRACHIN, SOA

ସେ ଗୌରବ-ସମ୍ପଦର କିସ ପ୍ରୟୋଜନ ?

୫୪

ଲଭିଥିବ ଇନ୍ଦ୍ରପଦ ଆଖଣ୍ଡଳ ପନ୍ତ
ସମସ୍ତଙ୍କ ଭାଗ୍ୟଡୋର ରଖି ନିଜକର
ଉଠିଯିବ ନିଜପଦ
ଯିବ ସ୍ୱମାନ ସମ୍ପଦ—
ଭବ, ଅନ୍ୟଶିରୀ ପ୍ରଭୁ ହେଲେ ଧ୍ୱଂସମନ୍ତ
ବୁଝିଆସି ନା ସେ ସଙ୍କୀର୍ଣ୍ଣ ବାସବ ବନ୍ଧନ ।

୫୫

ବିଚାର ପତି ପଦରେ ବିଚାର ଆସନେ
ବସିଥିବ ନ୍ୟାୟଦଣ୍ଡ ଧରି ଅନୁଯଚଣେ
କିନ୍ତୁ ଯଦି ଅନ୍ତରାଳେ
ପାନ ଗୁଆ ଖର୍ଚ୍ଚ ଛଳେ
ଅଙ୍ଗ୍ରାଖୁଣ୍ଟା ଧରି ସତ୍ୟ ଅସତ୍ୟ କରଣେ
ହେବରତ, ଶତଧିକ ସେ ହାକିମପଣେ ।

୫୬

ବସିଛି ମାନବ ବର୍ଣ୍ଣେ ଉନ୍ନତ ଆସନେ
ଦୁର୍ଲଭ ମାନବ ଜନ୍ମ ଏଥର ଭୁବନେ
ବାହୁଦଣ୍ଡ ବଳବୀର୍ଯ୍ୟ
ପ୍ରକାଶି ନକଲେ କାର୍ଯ୍ୟ
ବିଫଳ ମାନବ ଜନ୍ମ ଗୁରୁତା ବହନେ
ତା'ଠାରୁ ବଳଦ ଜନ୍ମ ଭଲ ଶତଗୁଣେ ।

ସମାପ୍ତ ।

Source: FB Nanda, Digitized by PPRACHIN, SOA